ବର୍ଷ-୨୫, ସଂଖ୍ୟା-୩୨୬
ଭୁବନେଶ୍ୱର
୦୮, ଡିସେମ୍ବର, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 326
Bhubaneswar
08, December, 2025 Monday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ୩୧୩ କୋଟିରେ ମା' ତାରିଣୀଙ୍କ ପୀଠର ନବକଳେବର






କେନ୍ଦୁଝର,୭।୧୨(ମହାଭାରତ); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଘଟଗାଁ ମା ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ ପାଇଁ ଶିଳାନ୍ୟାସ କରିବା ସହ ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଅବସରରେ ରାଉରକେଲା ଓ ଯାଜପୁର ପରେ କେନ୍ଦୁଝର ରାଜ୍ୟର ତୃତୀୟ ଇସ୍ପାତ ନଗରୀ ହେବା ଏବଂ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସମୁଦାୟ ୩୧୩ କୋଟି ଟଙ୍କା ବ୍ୟୟ ବରାଦରେ ଆଜି ମା' ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ଏବଂ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହେବ ବୋଲି ସମୟସୀମା ଧାର୍ଯ୍ୟ କରାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମା' ଙ୍କ ଡୋରି ଲାଗିଲା, ମା ଙ୍କ ସେବା ପାଇଁ ସୁଯୋଗ ମିଳିଲା। କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶା ପାଇଁ ଅନେକ ବର୍ଷର ବହୁ ଆକାଂକ୍ଷିତ ପ୍ରକଳ୍ପ ଆଜି ସଫଳତାର ସହ ଆରମ୍ଭ ହୋଇଛି। ଆଜି ଘଟଗାଁ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ମା' ତାରିଣୀଙ୍କ ପୀଠର ସମନ୍ୱିତ ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ତାଙ୍କ ଅଠରମାସ ତଳର ପରିକଳ୍ପନା ଆଜି ସାକାର ରୂପ ନେଇଥିବାରୁ ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ, ମା' ତାରିଣୀଙ୍କ ପୀଠକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ । ମା'ଙ୍କ ପୀଠର ଉନ୍ନତିକରଣ ପାଇଁ କୌଣସି ବାଧା ବାଧକ ସାଜିବ ନାହିଁ। ଅର୍ଥର ଅଭାବ ନାହିଁ କାରଣ, ଏହି ଉନ୍ନତିକରଣ କାର୍ଯ୍ୟ ମା'ଙ୍କ ଆଶୀର୍ବାଦରେ ହେଉଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ମଂଜୁର ହୋଇଥିବା ୩୧୩ କୋଟି ଟଙ୍କା ଏକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବ ଆଉ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଅଂଚଳରେ ସମସ୍ତ ତୀର୍ଥଯାତ୍ରୀ ସୁବିଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏଥିସହିତ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେଯେ ଆଉ ଅଧିକ ବ୍ୟୟ ଏହି ପ୍ରକଳ୍ପ ସହିତ ଯୋଡ଼ା ଯାଇ ମନ୍ଦିରର ଦେହୁରୀ ମାନଙ୍କ ସୁବିଧା ନିମନ୍ତେ ରହିବା ଗୃହ ମଧ ନିର୍ମାଣ ହେବ । ପୂର୍ତ୍ତ ବିଭାଗ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର ମଧ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ ଟାୱାର, ମାର୍କେଟ୍ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଜଣଙ୍କ ପାଇଁ ବିଶାଳ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ କୋଠରୀ, ଜୋତା ଷ୍ଟାଣ୍ଡ, ଟିକେଟ କାଉଂଟର, ହାତ-ପାଦ ଧୋଇବା ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ରେଷ୍ଟରୁମ ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର ସୋନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ, ମା' ତାରିଣୀଙ୍କ ପୀଠ ପାଇଁ ପୂର୍ବ ସରକାର ମଂଜୁର କରିଥିବା ୫୦ କୋଟି ଟଙ୍କାର କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ବୋଲି କହିବା ସହିତ କେନ୍ଦୁଝର, ଯାହା ପ୍ରାକୃତିକ ସମ୍ପଦର ଗନ୍ତାଘର ଓ ଓଡିଶାର ହୃଦୟ ବିଷୟରେ ବର୍ଣ୍ଣନା କରି କହିଥିଲେ ଯେ, କେନ୍ଦୁଝରରେ ମେଗାଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ ହେବ ।

ରାଉରକେଲା ଓ ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ । ସବୁ ଶିଳ୍ପ ଓ ଖଣି ଅଂଚଳକୁ ୬ ଥାକିଆ ରାସ୍ତା କରିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛି । କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଥାକିଆ ବିଶିଷ୍ଟ କରାଯିବ ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ। ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ ଜୋନର ବିକାଶ କରାଯାଉଛି । ଏଥିରେ କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଂଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି । କେନ୍ଦୁଝର ଜିଲ୍ଲାରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି । ସେ ଗୁଡ଼ିକର ଆପଣଙ୍କ ପାଇଁ ଖୁବ୍ ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସୁନାର କେନ୍ଦୁଝର କେବଳ ଏକ କଥା ହୋଇ ରହିବ ନାହିଁ, ଏହା ସାରା ଓଡ଼ିଶା ପାଇଁ ହେବ ଏକ ବାସ୍ତବତା । କେନ୍ଦୁଝର ପାଇଁ ବିକାଶର ଚିତ୍ର ଆଙ୍କି ମୁଖ୍ୟମନ୍ତ୍ରୀ କହିଲେ ଯେ କେନ୍ଦ୍ର ସରକାର ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ ଲେନ ରାସ୍ତା କରୁଛନ୍ତି। ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲିଛି। ଚଣ୍ଡିଖୋଲ ରୁ ବଡ଼ବିଲ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଚାଲିଛି। ଏ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ।

କେନ୍ଦୁଝର ର ବିକାଶ ପାଇଁ ବଡ଼ବିଲ ରେ ଏକ ଚାରି ଲେନ ବିଶିଷ୍ଟ ରିଙ୍ଗ ରୋଡ ହେବ। ଏଥିପାଇଁ ୨୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି କେନ୍ଦୁଝରରେ ମଧ ୪୨୮ କୋଟି ଟଙ୍କାରେ ଏକ ବାଇପାସ୍ ରାସ୍ତା କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏହା ସହିତ ୧୬୮ କୋଟି ଟଙ୍କାରେ ଏକ ଟେକ୍ ପାର୍କ, ଓକାକ୍ ପକ୍ଷରୁ ୧୫୦ କୋଟି ଟଙ୍କାରେ ଏକ ଡାଟା ସେଂଟର, ବଳଭଦ୍ରପୁର ରେ ୧୫୦ କୋଟି ଟଙ୍କାରେ ଏକ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ରେ ୧୮୭ କୋଟି ଟଙ୍କାରେ ଏକ ଡାଟା ରିକଭରି ସେଂଟର, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାର ଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟି ଟଙ୍କାରେ ସାନଘାଗରା ଠାରେ ଆରପିଆରସି ଆଦି ଅନେକ ପ୍ରକଳ୍ପ ସଂପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦୁଝର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଡିଏମଏଫ ଓ ଓମବାଡସ ଏବଂ ଅନ୍ୟାନ୍ୟ ପାଣ୍ଠି ମିଶାଇଲେ କେବଳ କେନ୍ଦୁଝର ରେ ୩୫ ହଜାର କୋଟି ଟଙ୍କା ରହିଛି। ଏହି ସବୁ ଅର୍ଥ କେନ୍ଦୁଝରର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।ମୁଖ୍ୟମନ୍ତ୍ରୀ କହିଲେ ଯେ ବିକଶିତ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ।

# ଭାରତୀୟ ଦଳକୁ ସ୍ୱାଗତ



ଭୁବନେଶ୍ୱର,୦୭।୧୨(**ମହାଭାରତ**): ବାରବାଟୀ ମ୍ୟାଚ୍ ପାଇଁ ଭୁବନେଶ୍ୱରରେ ଉଭୟ ଦେଶର ଖେଳାଳି ଟିମ୍ ଇଣ୍ଡିଆ ସହିତ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ପହଞ୍ଚିଛନ୍ତି। ଖେଳାଳିଙ୍କ ସହିତ ଟିମର ସପୋର୍ଟ ଷ୍ଟାଫ୍ ମଧ ପହଞ୍ଚିଛନ୍ତି ବିମାନ ବନ୍ଦରରୁ ସେମାନଙ୍କୁ ସିଧା ହୋଟେଲକୁ ନିଆଯାଇଛି। କୋଚ୍ ଗୌତମ ଗମ୍ଭୀର ଓ କ୍ୟାପଟେନ ସୂର୍ଯ୍ୟକୁମାରଙ୍କ ସହିତ ଅନ୍ୟ ଖେଳାଳିମାନେ ମଧ ହୋଟେଲ୍ ଯାଇଛନ୍ତି।

ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ। ଏନେଇ ରବିବାର ଉଭୟ ଦଳ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି ଟିମ୍ ଇଣ୍ଡିଆ। ସହିତ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ବିମାନ ବନ୍ଦରରେ ପହଞ୍ଚିଛନ୍ତି। ସେଠାରୁ ମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ବଳୟରେ ହୋଟେଲକୁ ନିଆଯାଇଛି। ହୋଟେଲରେ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଲୋକନୃତ୍ୟର ଉଭୟ ଦେଶର ଖେଳାଳିଙ୍କୁ ସ୍ୱାଗତ କରାଯାଇଛି।ଗତକାଲି ହାର୍ଦ୍ଦିକ୍ ପାଣ୍ଡ୍ୟା ଭୁବନେଶ୍ୱରରେ ପହଞ୍ଚିଥିଲେ। ସେହିପରି ଶୁକ୍ରବାର ଦକ୍ଷିଣ ଆଫ୍ରିକା ଦଳର ୫ ଜଣ ଖେଳାଳି ଭୁବନେଶ୍ୱର ପହଞ୍ଚିଥିଲେ। ସେମାନେ ହେଲେ ଟ୍ରିଷ୍ଟନ ଷ୍ଟବ୍ସ, ଡୋନୋଭାନ ଫେରେଇରା, ରେଜା ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ ଓ ଡେଭିଡ୍ ମିଲର।

ଆସନ୍ତାକାଲି ଉଭୟ ଟିମର ଖେଳାଳିମାନେ ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ କରିବେ। ୯ତାରିଖ ଅର୍ଥାତ ମଙ୍ଗଳବାର ଦିନ ସଂଧ୍ୟା ୬ଟାରୁ ଦୁଲୁକିବ କଟକ। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ। ଟେଷ୍ଟ ପରାଜୟର ବଦଳା ଦିନିକିଆରେ ଟିମ୍ ଇଣ୍ଡିଆ। ନେଇ ସାରିଥିବା ବେଳେ ଟି-ଟ୍ୱେଣ୍ଟି ସିରିଜ୍ ଜିତି ଭାରତ ଦଳ ଦକ୍ଷିଣ ଆଫ୍ରିକାକୁ ଚେକ୍ ଦେବା ପ୍ରୟାସରେ ରହିବ। ଅନ୍ୟପଟେ ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ ରହିଥିବାରୁ ଏହି ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଧାନମଣ୍ଡିରେ ଚାଷୀଙ୍କ ଧାରଣା

**ସମ୍ବଲପୁର,୭।୧୨ (ମହାଭାରତ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ଖରିଫଋତୁ ଧାନ ସଂଗ୍ରହ ପାଇଁ ସପ୍ତାହେ ହେଲା ଖୋଲିଲାଣି ମଣ୍ଡି। ଉପଖଣ୍ଡରେ ମୋଟ୍ ୫୭ଟି ଧାନ ସଂଗ୍ରହ କେନ୍ଦ୍ର କରାଯାଇଥିବା ବେଳେ, ୫୧ଟି ସଂଗ୍ରହ କେନ୍ଦ୍ରରେ ସମବାୟ ସମିତି ଓ ୬ଟି କେନ୍ଦ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହ କରୁଛନ୍ତି। ହେଲେ ଟୋକନ ଏବେ ସବୁଠୁ ବଡ଼ ସମସ୍ୟା ସାଜିଛି। ମଣ୍ଡି ଖୋଲିବା ଆଗଦିନ ରାତିରେ କିଛି ଚାଷୀଙ୍କ ଟୋକାନ ଆସିଥିଲା। ଏବେ ପ୍ରାୟ ୩ଟି ମଣ୍ଡି ସରିଲାଣି କିନ୍ତୁ ଅଧିକାଂଶ ଚାଷୀଙ୍କ ଟୋକନ୍ ଆସିନଥିବା ଅଭିଯୋଗ ହୋଇଛି। ଟୋକନ ସମସ୍ୟା ନେଇ ଟୋଲ ଫ୍ରି ନମ୍ବରରେ ଫୋନ କଲେ କିଛି ସନ୍ତୋଷ ଜନକ ଉତ୍ତର ମଧ ମିଳୁନଥିବା ଚାଷୀ କହିଛନ୍ତି। ବାଉରୀଗୋଡା ମଣ୍ଡିରେ ମା ସରସ୍ୱତୀ ଏସ୍ଏଚଜି ଧାନ କିଣୁଛନ୍ତି। କିନ୍ତୁ ତାଙ୍କ ପାଖରେ ଧାନ କିଣା ସମ୍ପର୍କିତ କୌଣସି ତଥ୍ୟ ନାହିଁ। ରାସ୍ତା ଉପରେ ଧାନ ଗାଡି ଛିଡା ହୋଇ ସିଧା ମିଲକୁ ଯାଉଥିବା କହିଛନ୍ତି ଏସ୍ଏଚଜି ସଭାପତି। ନାଁ ଏଠି ମାନ ନିରୂପଣ କରାଯାଉଛି ନାଁ ଏଠି ଭିତ୍ତିଭୂମିର ସୁବିଧା ଅଛି।

## ସପ୍ତାହେ ଲାଗିରହିବ ହାଡ଼ଭଙ୍ଗା ଜାଡ

**କନ୍ଧମାଳ,୭।୧୨ (ମହାଭାରତ):** ହାଡ଼ଭଙ୍ଗା ଜାଡ଼ରେ ଥରୁଛି ସାରା ଓଡ଼ିଶା। ଉପକୂଳରୁ ପଶ୍ଚିମ ଏବଂ ପାହାଡିଆ ଅଞ୍ଚଳ, ସବୁଠି ଏବେ ଅସହ୍ୟ ଶୀତ ଲହରି ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଯେଉଁଭଳି ଭାବେ ହ୍ରାସ ପାଇଛି, ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ବିଶେଷ କରି କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ସବୁଠାରୁ କମ୍ ତାପମାତ୍ରା ରେକର୍ଡ କରାଯାଇଛି, ଯାହାକି ମାତ୍ର ୪.୪ ଡିଗ୍ରି ରହିଛି। ସେହିପରି ଇସ୍ପାତ ନଗରୀ ରାଉରକେଲାରେ ମଧ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି, ଯେଉଁଠାରେ ପାରଦ ୭.୨ ଡିଗ୍ରିକୁ ଖସି ଆସିଛି। ରାଜ୍ୟର ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ମଧ ଶୀତର ପ୍ରକୋପ ବୃଦ୍ଧି ପାଇଛି।



କଟକରେ ୧୧.୮ ଏବଂ ଭୁବନେଶ୍ୱରରେ ୧୧.୯ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି, ଯାହା ଫଳରେ ସହରବାସୀ କଲବଲ ହେଉଛନ୍ତି। ଅନ୍ୟାନ୍ୟ ସହର ମଧ୍ୟରେ ଝାରସୁଗୁଡ଼ାରେ ୭.୬, କେନ୍ଦୁଝରରେ ୯.୬, ସମ୍ବଲପୁରରେ ୧୨, ହୀରାକୁଦରେ ୧୩.୩, ବାଲେଶ୍ୱରରେ ୧୩.୬, ପାରାଦୀପରେ ୧୩.୯ ଏବଂ ଚନ୍ଦବାଲିରେ ୧୪ ଡିଗ୍ରି ତାପମାତ୍ରା ରହିଛି। ଶୀତର ପ୍ରକୋପ ଏତେ ଅଧିକ ରହିଛି ଯେ, ସକାଳ ୯ଟା ପୂର୍ବରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦିନ ୪ଟା ପରେ ଥଣ୍ଡା ବାଘ ଭଳି ମାଡ଼ି ଆସୁଥିବାରୁ ସନ୍ଧ୍ୟା ହେବା ମାତ୍ରେ ରାସ୍ତାଘାଟ ଶୁନଶାନ୍ ହୋଇଯାଉଛି। କନ୍ଧମାଳ, କୋରାପୁଟ ଓ ସୁନ୍ଦରଗଡ଼ ଭଳି ପାହାଡ଼ିଆ ଜିଲ୍ଲାଗୁଡିକରେ ସ୍ଥିତି ଅସମ୍ଭାଳ ହୋଇପଡିଛି। ଲୋକମାନେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସକାଳେ ଓ ସନ୍ଧ୍ୟାରେ ନିଆଁ ପୋଉଁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ସକାଳୁ ସ୍ୱାସ୍ଥ୍ୟ ସଚେତନ ଲୋକମାନେ ବ୍ୟାୟାମ କରି ଶୀତ ଛଡ଼ାଉଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ଏହି ହାଡ଼ଭଙ୍ଗା ଶୀତରୁ ରାଜ୍ୟବାସୀଙ୍କୁ ନିସ୍ତାର ମିଳିବାର ସମ୍ଭାବନା ନାହିଁ। ଆଗକୁ ଶୀତର ପ୍ରକୋପ ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

# ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ, ୨୫ ମୃତ

ପାଣାଜୀ,୭।୧୨(**ମହାଭାରତ**): ଗୋଆର ରାଜଧାନୀ ପଣଜୀଠାରୁ ପ୍ରାୟ ୨୫ କିମି ଦୂର ଅରପୋରା ଗାଁରେ ଥିବା ନାଇଟ କ୍ଲବ୍ ବିର୍ଚ୍ଚ ବାଇ ରୋମିଓ ଲେନ୍‌ରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୪ ଜଣ ନାଇଟକ୍ଲବର କର୍ମଚାରୀ ଥିବା ବେଳେ ୪ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି। ଗୋଆ ପୁଲିସ ମହାନିର୍ଦ୍ଦେଶକ ଅଲୋକ କୁମାର କହିଛନ୍ତି ଯେ ସମସ୍ତ ମୃତକ କ୍ଲବ୍‌ର କର୍ମଚାରୀ। ସିଲିଣ୍ଡର ବିସ୍ଫୋରଣ ହେବା ପରେ ଅଗ୍ନିକାଣ୍ଡ ଘଟିଥିଲା। ସେ କହିଛନ୍ତି ଯେ ଏପର୍ଯ୍ୟନ୍ତ ୨୩ଟି ମୃତଦେହ ମିଳିଛି।



ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ଏହି ଘଟଣା ଘଟିଥିଲା। ବିର୍ଚ୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବ୍ ପକ୍ଷରୁ ବଲିଉଡ୍ ବେଞ୍ଜର ନାଇଟ୍ ର ଆୟୋଜନ କରାଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ସେଠାରେ ପ୍ରାୟ ୧୦୦ ଜଣ ଲୋକ ଉପସ୍ଥିତ ଥିଲେ। ନାଚଗୀତ ଚାଲିଥିବା ବେଳେ ହଠାତ ନାଇଟକ୍ଲବରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ପରେ ନାଇଟ୍ କ୍ଲବରେ ଥିବା ଲୋକେ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଅନେକ ସେଠାରୁ ବାହାରି ଯିବାରେ ସକ୍ଷମ ହୋଇଥିଲେ ଆଉ କେତେକ ନାଇଟ୍ କ୍ଲବ୍‌ର ତଳ ମହଲାରେ ଥିବା ରୋଷେଇ ଘର ଆଡ଼କୁ ଦୌଡ଼ି ପଳାଇଥିଲେ। ଦେଖୁ ଦେଖୁ କିଛି ସମୟ ମଧ୍ୟରେ ନାଇଟ୍ କ୍ଲବ୍‌ଟି ଏକ ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୋଆ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରଜନଙ୍କ ପାଇଁ ତତ୍କାଳ ଆର୍ଥିକ ସହାୟତାର ଘୋଷଣା କରିଛନ୍ତି। ମୋଦି ଏକ୍ସ ହ୍ୟାଣ୍ଡେଲରେ କହିଛନ୍ତି ଯେ ଗୋଆର ଅର୍ପୋରାରେ ଘଟିଥିବା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ କୋଷରୁ ଦୁଇ ଲକ୍ଷ ଟଙ୍କା ଅନୁଗ୍ରହ ସହାୟତା ଦିଆଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ଦିଆଯିବ।

ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି, 'ଏହି ଘଟଣା ଅତ୍ୟନ୍ତ ଦୁଃଖଦ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ସହିତ ମୋର ସମବେଦନା ରହିଛି। ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ। ଗୋଆର ମୁଖ୍ୟମନ୍ତ୍ରୀ ଡା. ପ୍ରମୋଦ ସାୱନ୍ତଙ୍କ ସହିତ ପରିସ୍ଥିତି ବିଷୟରେ କଥା ହୋଇଛି। ରାଜ୍ୟ ସରକାର ପ୍ରଭାବିତମାନଙ୍କୁ ସମ୍ଭବ ସମସ୍ତ ସହାୟତା ପ୍ରଦାନ କରୁଛନ୍ତି।'

## ଆବଶ୍ୟକ ହେଲେ ପୀଡିତାଙ୍କୁ ଏୟାରଲିଫ୍ଟ : ମନ୍ତ୍ରୀ

ସୁନ୍ଦରଗଡ,୭।୧୨(ମହାଭାରତ): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଲାଞ୍ଜିବେର୍ନା ଅଞ୍ଚଳର କଲେଜ ଛାତ୍ରୀ ଦେହରେ ନିଆଁ ଲଗାଇ ଜୀବନ ହାରିବାକୁ ଚେଷ୍ଟା କରିଛନ୍ତି। ଆଜି ଆଇଜିଏଚ୍ ମେଡିକାଲ୍ ଯାଇ ପୀଡିତାଙ୍କୁ ଭେଟିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ। ପୀଡିତାଙ୍କ ପରିବାର ସଦସ୍ୟଙ୍କୁ ମଧ ଭେଟିଛନ୍ତି ଏବଂ କହିଛନ୍ତି ପୀଡିତାଙ୍କ ଅବସ୍ଥା ଗୁରୁତର ରହିଛି , ଆବଶ୍ୟକ ପଡିଲେ ଏୟାର ଲିଫ୍ଟ କରାଯିବ ଭୁବନେଶ୍ୱର ଏମ୍ସ କିମ୍ବା ଦିଲ୍ଲୀକୁ ଏୟାରଲିଫ୍ଟ କରାଯାଇପାରେ।

ସୂଚନା ଅନୁଯାୟୀ ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ତିନି ଦ୍ୱିତୀୟ ବର୍ଷର। ସଂପୃକ୍ତ ଛାତ୍ରୀଜଣଙ୍କ ଗତକାଲି ଅପରାହ୍ଣରେ ସେ କଲେଜରୁ ଘରକୁ ଗଲା ପରେ ଗାଁର ଜଣେ ଯୁବକ ସହ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ସେ ନିଜ ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜଗାଙ୍ଗପୁର ଡାକ୍ତରଖାନା ଓ ପରେ ରାଉରକେଲା ଜେନେରାଲ ହସପିଟାଲକୁ ନେଇଥିଲେ।

# ମହିଳାଙ୍କ ହତ୍ୟାକୁ ନେଇ ତୁମୁଳକାଣ୍ଡ

**ମାଲକାନଗିରି,୭।୧୨ (ମହାଭାରତଜ):** ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କୋରକୋଣ୍ଡା ବ୍ଲକର ମାରିଡା ପଞ୍ଚାୟତର ଏମଭି-୨୬ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଶତାଧିକ ଆଦିବାସୀ ଲୋକେ ଗାଁରେ ପଶି ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ନିଆଁ ଲଗାଇ ଦେଇଛନ୍ତି। ଏଥିସହ ଦୋକାନ ଲୁଟିବା ସହ ଅଟୋ, ମଟର ସାଇକେଲକୁ ମଧ ଭାଙ୍ଗି ଦେଇଛନ୍ତି। ପୁଲିସ ଉପସ୍ଥିତ ଥିଲେ ମଧ ଦେଖଣାହାରି ହୋଇଥିଲା। ଏତେ ଲୋକଙ୍କୁ ଅଟକାଇବାରେ ଅସଫଳ ହୋଇଥିଲା ପୁଲିସ।



କୋରକୋଣ୍ଡା ବ୍ଲକର ରାଖାଲଗୁଡା ଗ୍ରାମର ମହିଳା ଲାକେ ପଡିଆମିଙ୍କ ମୁଣ୍ଡ ବିହୀନ ଶବ ଗତ ୪ ତାରିଖ ଦିନ ତୁଡାମେଟଲା ନଦୀ କୂଳରେ ମିଳିଥିଲା। ଏହା ପରେ ଗ୍ରାମବାସୀ ଏବଂ ଆଦିବାସୀ ମହାସଂଘ ପକ୍ଷରୁ ପୁଲିସକୁ ତୁରନ୍ତ ମୁଣ୍ଡ ଏବଂ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରାଯାଉଥିଲା। ଶନିବାର ଶତାଧିକ ଆଦିବାସୀ ରାଖାଲଗୁଡା ଗ୍ରାମରେ ଏକତ୍ର ହୋଇ ମେଳି କରି ପୋଲିସକୁ ଚେତାବନୀ ଦେଇଥିଲେ। ଏହା ପରେ ଆଜି ଶହ ଶହ ଆଦିବାସୀ ପୁରୁଷ ଓ ମହିଳା ଏକତ୍ର ହୋଇ ଏମଭି-୨୬ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଏକ ବୈଠକ କରିଥିଲେ। ସମସ୍ତ ଆଦିବାସୀ ହାତରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରିଥିଲେ। ଏହି ଖବର କୋରକୋଣ୍ଡା ପୁଲିସ ପାଇବା ପରେ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲା। କିନ୍ତୁ ଲୋକେ ପୁଲିସ କଥାକୁ ଶୁଣିନଥିଲେ। ଅପରାହ୍ନ ୪ଟା ବେଳେ ହଠାତ ଲୋକେ ଉଗ୍ରରୂପ ଧାରଣ କରିଥିଲେ। ଶହଶହ ଲୋକେ ଗ୍ରାମବାସୀଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଲୁଟପାଟ କରିଥିଲେ। ଯାହା ପାରିଲେ ଭାଙ୍ଗିଲେ। ଦୋକାନର ସମସ୍ତ ସାମାନ ଲୁଟି ନେଲେ। ପୁଲିସ କେବଳ ଦେଖଣାହାରି ହୋଇ ରହିଯାଇଥିଲା। ପୁଲିସ ଲୋକଙ୍କୁ ଆୟତ୍ତ କରିବାକୁ ଯେତେ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲା। ଲୋକଙ୍କର ଉଗ୍ର ରୂପ ଆଗରେ ପୁଲିସ ହାର ମାନିଥିଲା। ଲୋକଙ୍କର ଘରକୁ ନିଆଁ ମଧ ଲଗାଇ ଦେଇଥିଲେ। ସବୁ ଛିନଛତର୍ କରିବା ପରେ ସେଠାରୁ ଚାଲି ଯାଉଥିଲେ।

ଖବର ପାଇ ମାଲକାନଗିରି ଏସପି ବିନୋଦ ପାଟିଲ ଏଚ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଉପଜିଲ୍ଲାପାଳ ଅଶ୍ୱି ଏ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସମେତ ମାଲକାନଗିରି ଆଇଆଇସି ରିଗାନ କିଣ୍ଡୋ, କୋରକୋଣ୍ଡା ଆଇଆଇସି ହିମାଂଶୁ ବାରିକ, ବାଲିମେଳା ଆଇଆଇସି ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର,୭।୧୨(ମହାଭାରତ):** ହ୍ୟୁମାନ ସାଗରଙ୍କ ଘରେ ପହଞ୍ଚିଛନ୍ତି ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି। ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ହ୍ୟୁମାନଙ୍କ ଘରେ ତାଙ୍କ ମା'ଙ୍କୁ ଭେଟି ସମବେଦନା ଜଣାଇଛନ୍ତି ଅନୁଭବ। ଆଜି ସନ୍ଧ୍ୟାରେ ଟିଟିଲାଗଡ଼ ବଏଜ୍ ହାଇସ୍କୁଲ ପଡିଆରେ ଓଡିଶା କଳାକାର ଏକତା ମଞ୍ଚ ଦ୍ୱାରା ହ୍ୟୁମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଓ ସଂଗୀତ ଦୁନିଆରେ ବହୁତ ଜଣାଶୁଣା ବ୍ୟକ୍ତି ଯୋଗଦେଥିଲେ। ହ୍ୟୁମାନ ସାଗରଙ୍କ ମା'ଙ୍କୁ ଭେଟିବା ପରେ, ଅନୁଭବ କହିଛନ୍ତି ମୁଁ ତାଙ୍କର ବଡ଼ ପୁଅ ହେଇକି ରହିବି। ହ୍ୟୁମାନ ଚାଲିଗଲେ ମୋର ଭଏସ୍ ଚାଲିଗଲା। ତାଙ୍କ ବିନା ମୁଁ କିଛି ଭାବି ବି ପାରୁନାହିଁ ବୋଲି ଅନୁଭବ କୋହଭରା କଣ୍ଠରେ କହିଛନ୍ତି। ହ୍ୟୁମାନଙ୍କ ମୃତ୍ୟୁର ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ ଲିଖିତ ଅନୁରୋଧ କରିସାରିଛି, ତଦନ୍ତ କିଛି ଆଗେଇଛି, ଯେଉଁମାନେ ଦୋଷୀ ସେମାନେ ଦଣ୍ଡିତ ହୁଅନ୍ତୁ ବୋଲି ଅନୁଭବ କହିଛନ୍ତି। ପୁଅର ମୃତ୍ୟୁ ପାଇଁ ପୂର୍ବରୁ କରିଥିବା ଅଭିଯୋଗକୁ ଦୋହରାଇଛନ୍ତି ହ୍ୟୁମାନଙ୍କ ମା'। ହ୍ୟୁମାନଙ୍କ ମା' ଶେଫାଳି ସୁନା କହିଛନ୍ତି, ସେ ଗଣମାଧ୍ୟମରେ ଯାହା କହିଛନ୍ତି, ତାହା ନିରାଟ ସତ୍ୟ। ସେ ପୁତ୍ର ବିଚ୍ଛେଦରୁ ମୁକୁଳି ପାରି ନ ଥିବାରୁ ଏଯାଏଁ ଏତଲା ଦେଇ ନାହାଁନ୍ତି କିମ୍ବା ଏ ବିଷୟରେ କୌଣସି ନିଷ୍ପତ୍ତି ନେଇ ପାରି ନାହାଁନ୍ତି। ତେବେ ତାଙ୍କର ଶେଷ ଭରସା ବୋହୂ ଓ ନାତୁଣୀ। ହ୍ୟୁମାନଙ୍କ ମୃତ୍ୟୁ ପାଇଁ ମା' ପୂର୍ବରୁ ଦୁଇ ଜଣ ମ୍ୟାନେଜର ଓ ଜଣେ ଗାୟିକାଙ୍କୁ ଦାୟୀ କରିଥିଲେ।



# ଜୀବନଚର୍ଯ୍ୟା





## ପ୍ରସ୍ତୁତ କରନ୍ତୁ ଏଗ୍ ବୋଣ୍ଡା

ସନ୍ଧ୍ୟାରେ କିଛି ନୂଆ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । କାରଣ କର୍ମମୟ ଜୀବନ ଭିତରେ ସନ୍ଧ୍ୟାରେ ଟିକେ ସମୟ ମିଳିଥାଏ କିଛି ନୂଆ ସ୍ୱାଦ ଚାଖିବାକୁ । ଆଜି ଆମେ ଆପଣଙ୍କୁ ଅଣ୍ଡାର ଏକ ଖାସ୍ ଡିସ୍ ଜଣାଇବୁ । ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକଦମ୍ ଜବରଦସ୍ତ । ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ କରିବା ’ଏଗ୍ ବୋଣ୍ଡା’ ।

**ଆବଶ୍ୟକୀୟ ସାମଗ୍ରୀ :** ସିଝା ଅଣ୍ଡା–୩ଟା, ଭେଜିଟେବୁଲ ତେଲ–୧କପ୍, କଞ୍ଚା ଲଙ୍କା –୨ଟା, ବେସନ–୧କପ୍, ଲୁଣ –ସ୍ୱାଦ ଅନୁସାରେ, ଲାଲ ଲଙ୍କା ପାଉଡର –ଅଧା ଚାମଚ, ଚାଉଳ ଗୁଣ୍ଡ– ଅଧା କପ୍, ଗୋଲମରୀଚ– ଅଧା କପ୍

**ପ୍ରସ୍ତୁତ ପ୍ରଣାଳୀ :** ଏଗ୍ ବୋଣ୍ଡା ବନାଇବା ପାଇଁ ସର୍ବପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ । ଏହାପରେ ଅଣ୍ଡାକୁ ଫୁଟାନ୍ତୁ । ଅଣ୍ଡା ସିଝିଗଲା ପରେ ଏହାର ଚୋପା ଛଡାଇ ମଝିରୁ ଦୁଇ ଖଣ୍ଡ କରିଦିଅନ୍ତୁ । ଏହାପରେ ଗୋଲମରିଚ ଗୁଣ୍ଡ, ଲାଲ ଲଙ୍କା ପାଉଡର ଏବଂ ଲୁଣ ପକାନ୍ତୁ। ଏକପାତ୍ରରେ ଚାଉଳଗୁଣ୍ଡ, ଅଟା, କଟା କଞ୍ଚା ଲଙ୍କା, ଗୋଲ ମରୀଚ ଏବଂ ଲୁଣ, ଜୁଆଣୀ ପକାଇ ଭଲ ଭାବେ ମିସାଇ ଦିଅନ୍ତୁ । ଏହାପରେ ଏଥିରେ ଅଳ୍ପ ପାଣି ପକାଇ ଏକ ପେଷ୍ଟ ବା ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ କାଟି ରଖିଥିବା ଅଣ୍ଡାକୁ ଘୋଳରେ ବୁଡାଇ ତେଲରେ ଛାଣନ୍ତୁ । ଏହାଭଲ କାଟି ହୋଇଗଲା ପରେ ବାହାରକୁ କାଢି ଦିଅନ୍ତୁ । ଏବେ ଆପଣଙ୍କର ପ୍ରସ୍ତୁତ ହୋଇଗଲା ଏଗ୍ ବୋଣ୍ଡା । ଆପଣ ଏହାକୁ ଟମାଟୋସସ୍ ସହିତ ଖାଇପାରିବେ ।



## ଖବର

## ମା’ ହେଲେ ଟିଭି ଅଭିନେତ୍ରୀ ସୋନାରିକା ଭଦୋରିଆ





ମା’ ହେଲେ ଦେବୋ କେ ଦେବ ମହାଦେବ ଫେମ୍ ଅଭିନେତ୍ରୀ ସୋନାରିକା ଭଦୋରିଆ । ସୋନାରିକା ଏବଂ ତାଙ୍କ ସ୍ୱାମୀ ବିକାଶ ପରାଶର ଶିଶୁ କନ୍ୟାକୁ ସ୍ୱାଗତ କରିଛନ୍ତି । ଟିଭିର ପାର୍ବତୀ ସୋସିଆଲ ମିଡିଆରେ ନିଜର ମାତୃତ୍ୱ ବିଷୟରେ ସେୟାର କରିଛନ୍ତି । ସେ ଝିଅର ପାଦର ଫଟୋ ସେୟାର କରି ଲେଖିଛନ୍ତି, ‘ଆମର ସବୁଠାରୁ ମଧୁର ଏବଂ ସବୁଠାରୁ ବଡ ଆଶୀର୍ବାଦ । ବର୍ତ୍ତମାନଠାରୁ ଏହା ଆମର ପୁରା ଦୁନିଆ ପାଲଟିଛି । ସୋନାରିକା କହିଛନ୍ତି ଯେ ସେ ଡିସେମ୍ବର ୫ ରେ ସେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି ।ଶିଶୁ କନ୍ୟା ଜନ୍ମ ବିଷୟରେ ଘୋଷଣା କରିବା ପରଠାରୁ ଫ୍ୟାନ୍ସ ଏବଂ ବନ୍ଧୁମାନେ ସୋନାରିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅଭିନେତ୍ରୀ ଲତା ସଭରୱାଲ, ଆଶିଷ ଶର୍ମା, ଅଶନୁର କୌର ଏବଂ ଆରତୀ ସିଂ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୋନାରିକା ୨୦୨୪ ରେ ବ୍ୟବସାୟୀ ବିକାଶ ପରାଶରଙ୍କୁ ବିବାହ କରିଥିଲେ । ସେମାନଙ୍କର ବିବାହ ବହୁତ ଭବ୍ୟ ଥିଲା ଯ ସୋନାରିକାଙ୍କ ବିବାହ ଫଟୋ ମଧ ବହୁତ ଭାଇରାଲ ହୋଇଥିଲା । ସେପ୍ଟେମ୍ବର ୨୦୨୫ ରେ, ଅଭିନେତ୍ରୀ ସୋସିଆଲ ମିଡିଆରେ ତାଙ୍କ ପ୍ରେଗ୍ନେନ୍ସି ବିଷୟରେ ଘୋଷଣା କରିଥିଲେ ।ସୋନାରିକା ସମୁଦ୍ର କୂଳରେ ତାଙ୍କ ବେବି ବମ୍ପ ସୋ’ କରୁଥିବା ଦେଖିବାକୁ ମିଳିଥିଲା । ବାସ୍ତବ ଜୀବନରେ ସୋନାରିକା ବହୁତ ଗ୍ଲାମରସ୍ । ପ୍ରେଗ୍ନେନ୍ସିରେ ମଧ ସେ ଅନେକ ଗ୍ଲାମରସ୍ ଫଟୋସୁଟ୍ ସେୟାର କରିଥିଲେ, ଯେଉଁଥିରେ ସେ ବେବି ବମ୍ପକୁ ଫ୍ଲ□ କରୁଥିବା ଦେଖିବାକୁ ମିଳିଥିଲା । ସୋନାରିକାଙ୍କ ଫଟୋସୁଟକୁ ଫ୍ୟାନ୍ସମାନେ ବହୁତ ପସନ୍ଦ କରିଥିଲେ । କହିରଖୁଛୁ ସୋନାରିକା ୨୦୧୧ରେ ‘ତୁମ୍ ଦେନା ସାଥ୍ ମେରା’ ଶୋ’ରେ ଡେବ୍ୟୁ କରିଥିଲେ । କିନ୍ତୁ ସେମାନେ ଦେବୋ କେ ଦେବ ମହାଦେବରେ ପାର୍ବତୀ ଭାବରେ ବେଶ ଜଣାଶୁଣା ଯାହାପରେ ସେ ଅନେକ ପ୍ରଶଂସା ସାଉଁଟିଥିଲେ ।

## ତ୍ୱଚା ପାଇଁ ଫୁଲ ଓ ଟମାଟୋର କରାମତି

ଫୁଲ କେବଳ ଆମ ବାତାବରଣକୁ ମହକାଇଥାଏ ତାହା ନୁହେଁ ବରଂ ଏହା ଦ୍ୱାରା ଶାରୀରିକ, ମାନସିକ ଓ ସୌନ୍ଦର୍ଯ୍ୟ ସହ ଜଡିତ ଅନେକ ସମସ୍ୟା ଦୂର କରିଥାଏ । ଏହାକୁ ବିଶେଷ ଭାବେ ଫୁଲ ଚିକିତ୍ସା (ଫ୍ଲାୱାର ଥେରାପି) ବୋଲି କୁହାଯାଏ । ଜାଣନ୍ତୁ ଏହା ବିଷୟରେ .



୧- ଗୋଲାପ ଫୁଲର ପାଖୁଡା ଖିରରେ ପକାଇ ଫୁଟାଇ ନିୟମିତ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ । ସୌନ୍ଦର୍ଯ୍ୟ ମଧ ବୃଦ୍ଧି ହୋଇଥାଏ । ଗୋଲାପ ପାଖୁଡାକୁ ଖିରରେ ପକାଇ ପେଷି ଏହାକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଚମକ ଦ୍ୱିଗୁଣିତ ହୋଇଥାଏ । ଓଠରେ ଲଗାଇବା ଦ୍ୱାରା ଓଠର କଳାପଣ ଦୂର ହୋଇ ଗୋଲାପି ହୋଇଥାଏ ।

୨- ସୂର୍ଯ୍ୟମୁଖୀ ଫୁଲକୁ ନଡିଆ ତେଲରେ ମିଶାଇ କିଛି ଦିନ ଯାଏଁ ଖରାରେ ରଖନ୍ତୁ । ଏହାପରେ ଏହାକୁ ନିଜ ଶରୀରରେ ମାଲିସ କରନ୍ତୁ । ଏହା ଦ୍ୱାରା ଚର୍ମ ଜନିତ ବିଭିନ୍ନ ରୋଗ ଦୂର ହୋଇଥାଏ ।

ଟମାଟୋ ତ୍ୱଚା ପାଇଁ ବେଶ ଲାଭଦାୟକ । ଟମାଟୋର ରସକୁ ସମ୍ପୂର୍ଣ୍ଣ ମୁହଁରେ ଭଲ ଭାବେ ମାଲିସ କରନ୍ତୁ ।ଏହା ମୁହଁର ଅନାବଶ୍ୟକ ତୈଳକୁ ନିୟନ୍ତ୍ରଣ କରିଥାଏ ।

## ଏହିସବୁ ଉପାୟରେ ଦୂର କରନ୍ତୁ ଅଶୁଭ ଗ୍ରହର ପ୍ରଭାବ

ଅକୌଣସି ବ୍ୟକ୍ତିଙ୍କ କୁଣ୍ଡଳୀ ତା’ର ଜୀବନ ବିଷୟରେ ଅନେକ କିଛି ତଥ୍ୟ ଦେଇଥାଏ । ଅଶୁଭ ଗ୍ରହ ଯୋଗୁଁ ଅନେକଙ୍କ ଜୀବନରେ ଖରାପ ପ୍ରଭାବ ପଡିଥାଏ । ଯଦି ଆପରଙ୍କ ଉପରେ ଗ୍ରହର ଅଶୁଭ ପ୍ରଭାବ ପଡିଥାଏ ତେବେ ଜୀବନରେ ସବୁ କାମ ଅଶୁଭ ହୋଇଥାଏ । ଏମିତି କିଛି ଉପାୟ ରହିଛି ,ଯାହା ସାହଯ୍ୟରେର ଆପଣ ନିଜ କୁଣ୍ଡଳୀରେ ଥିବା ଅଶୁଭ ଗ୍ରହଙ୍କ ଖରାପ ପ୍ରଭାବକୁ ଦୂର କରିପାରିବେ । ଆପଣଙ୍କ କୁଣ୍ଡଳୀରେ ଚନ୍ଦ୍ରମା ଦୁର୍ବଳ ହେଲେ ମାନସିକ ଚିନ୍ତା ଏବଂ ହୃଦ ସମ୍ବନ୍ଧୀୟ ରୋଗ ଦେଖାଦିଏ । ଚନ୍ଦ୍ରମାର ଅଶୁଭ ପ୍ରଭାବ ଯୋଗୁଁ ବ୍ୟକ୍ତି ମାନସିକ ରୂପେ ବହୁତ ଦୁର୍ବଳ ହୋଇପଡେ । ଚନ୍ଦ୍ରମାଙ୍କ ଅଶୁଭ ପ୍ରଭାବକୁ ଦୂର କରିବା ପାଇଁ ପ୍ରତି ସୋମବାର ଶିବଙ୍କ ଜଳାଭିଷେକ କରନ୍ତୁ ଏବଂ ଓଁ ଶ୍ରୀ ଶ୍ରୀ ସଃ ଚନ୍ଦ୍ରମସେ ନମଃ ମନ୍ତ୍ର ଜାପ କରନ୍ତୁ ।




ଯଦି ଆପଣଙ୍କ ଭାଗ୍ୟରେ ମଙ୍ଗଳ ଦୋଷ ରହିଥାଏ ତେବେ ବ୍ୟକ୍ତି ମାନସିକ ରରୂପେ ବହୁତ ଚିନ୍ତାରେ ରୁହେ । ଏଥିରୁ ନିଜକୁ ରକ୍ଷା କରିବା ଆପଣ ହନୁମାନଙ୍କ ଉପାସନା କରିବା ସହ ସୁନ୍ଦରକାଣର୍ଡ ପାଠ କରନ୍ତୁ । ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୁର୍ବଳ ହେଲେ ମାନ ସମ୍ମାନ ହାନି ହୋଇଥାଏ । ଏପରି ସ୍ଥିତିରେ ରକ୍ଷା ପାଇବାକୁ ହେଲେ ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ । ଏବଂ ଓଁ ସୂର୍ଯ୍ୟାୟଃ ନମଃ ଜପ କରନ୍ତୁ । କୁଣ୍ଡଳୀର ଶୁକ୍ରଙ୍କ ଖରରାପ ପ୍ରଭାବ ପଡିଲେ ବୈବାହିକ ଜୀବନରେ ଜଟିଳତା ଦେଖାଦିଏ । ଏଥିପାଇଁ ଶୁକ୍ରବାର ଦିନ ଚାଉଳ ଦାନ କରିବା ସହ ମା ଲକ୍ଷ୍ମୀଙ୍କ ପୂଜା କରନ୍ତୁ ।

କୁଣ୍ଡଳୀରେ ଶନିଙ୍କ ଖରାପ ପ୍ରଭାବ ପଡିଲେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଏ । କୌଣସି କାମରେ ସଫଳତା ମିଳିନଥାଏ । ଏଥିପାଇଁ ଆପଣ ଶନିବାର ଦିନ ଅଶ୍ୱତ୍ଥ ଗଛରେ ଜଳ ଅର୍ପଣ କରିବା ସହ ଗଛ ତଳେ ସୋରିଷ ତେଲରେ ଦୀପ ଜଳାନ୍ତୁ । ସମସ୍ୟାରୁ ମୁକ୍ତି ମିଳିବ ।

## ସ୍ମୃତି ଶକ୍ତି ବୃଦ୍ଧି କରେ ମାଛ







ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଭଲ । ଏଥିରେ ମିନେରାଲ୍ସ ଭିଟାମିନ ଓ ବହୁ ପୌଷ୍ଟିକ ତତ୍ତ୍ୱ ଭରି ରହିଛି । ଜାଣନ୍ତୁ ଖାଦ୍ୟରେ ମାଛ ସାମିଲ କରିବାର ଫାଇଦା ?

ଥଣ୍ଡାରୁ ରକ୍ଷା କରେ : ମାଛ ଖାଇବା ଫଳରେ ଶୀତ ଦିନେ ଥଣ୍ଡା, କାଶ, ଜ୍ୱର ଓ ବ୍ୟାକ୍ଟେରିଆ ଇନଫେକ୍ସନରୁ ମୁକ୍ତି ମିଳିଥାଏ ।

ବ୍ରେଷ୍ଟ କ୍ୟାନ୍ସର: ଅଧ୍ୟୟନ ଅନୁସାରେ ଜଣାପଡିଛି କି ଯେଉଁ ମହିଳା ସପ୍ତାହକୁ ଥରେ ବା ଦୁଇଥର ମାଛ ଖାଇଥାନ୍ତି ସେମାନଙ୍କୁ ବ୍ରେଷ୍ଟ କ୍ୟାନ୍ସର ହେବା ଭୟ କମ୍ ରହିଥାଏ ।

ସ୍ମୃତି ଶକ୍ତି ବୃଦ୍ଧି: ମାଛ ଖାଇବା ଦ୍ୱାରା ସ୍ମୃତି ଶକ୍ତି କ୍ଷୀପ୍ର ହୋଇଥାଏ । ଏଥିସହିତ ମାନସିକ ବିକାରଗ୍ରସ୍ତ ରୋଗୀ ମଧ୍ୟ ମାଛ ଖାଇବା ବହୁତ ଭଲ । ଏଥିରେ ଥିବା ପ୍ରୋଟିନ୍ ମସ୍ତିଷ୍କରେ ନୂତନ କୋଷିକା ନିର୍ମାଣ କରିବାରେ ସହାୟକ ହୋଇଥାଏ ।

ଉଚ୍ଚ ରକ୍ତଚାପ: ମାଛରେ ଲୋ ଫ୍ୟାଟ୍ ରହିଥିବା ଯୋଗୁଁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତେବେ ମାଛ ନିଶ୍ଚୟ ଖାଆନ୍ତୁ ।

କାହିଁକି ଖାଇବେ ମାଛ: ଏମିତିରେ ଦେଖିବାକୁ ଗଲେ ମାଛ ଖୁବ ଗରମ ହୋଇଥିବାରୁ ଏହାକୁ ଶୀତଦିନେ ଖାଇଲେ ଦେହ ବେଶ ଗରମ ରହିଥାଏ ।

ପୋଷକତତ୍ତ୍ୱ: ପ୍ରୋଟିନ୍, କାର୍ବୋହାଇଡ୍ରେଟ,ଓମୋ-୩ ଫ୍ୟାଟି ଏସିଡି, ଭିଟାମିନ ଡି ଓ ବି-୨ମଧ୍ୟ ଭରପୁର ମାତ୍ରାରେ ରହିଥାଏ ।

ମାଛ ଖାଇବା ସମୟ: ମାଛକୁ ସାଧାରଣତଃ ଦ୍ୱିପ୍ରହରେ ଖିଆଯାଇପାରେ । କିନ୍ତୁ ଏହାକୁ ରାତିରେ ଖାଇବା ଫଳରେ ଡାଇଜେଷ୍ଟ କରିବା ସହଜ ହୋଇନଥାଏ । ଏଥିପାଇଁ ମାଛ ଦିନକୁ ଥରେ ଓ ସପ୍ତାହକୁ ଦୁଇଥର ଖାଇବା ଉଚିତ ।



## ଘରେ ମୟୂର ପୁଚ୍ଛ ରଖିବା ଶୁଭ

ଭଗବାନ ଶ୍ରୀକୃଷ୍ଣଙ୍କର ମୟୂର ପୁଚ୍ଛ ଅତି ପ୍ରିୟ । ସେଥିଲାଗି ତାଙ୍କ ଶୃଙ୍ଗାରରେ ମୟୂର ପୁଚ୍ଛକୁ ବିଶେଷ ସ୍ଥାନ ଦିଆଯାଇଛି । ଏହା ବିନା ତାଙ୍କର ସ୍ୱରୂପ ଅସମ୍ପୂର୍ଣ୍ଣ ବୋଲି ଜଣାଯାଏ । ଜ୍ୟୋତିଷ ଏବଂ ବାସ୍ତୁ



ଶାସ୍ତ୍ରରେ ମଧ ମୟୂର ପୁଚ୍ଛକୁ ଶୁଭର ପ୍ରତୀକ ବୋଲି କୁହାଯାଇଛି । ଆସନ୍ତୁ ଜାଣିବା ମୟୂର ପୁଚ୍ଛ ସହିତ ଜଡିତ କିଛି ବାସ୍ତୁ ଟିପ୍ସ : ଠାକୁର ଘରେ ମୟୂର ପୁଚ୍ଛ ଏବଂ ବଂଶୀକୁ ଏକା ସାଥିରେ ରଖିବା ଦ୍ୱାରା ଘର ମଧ୍ୟରେ ଭଲ ପାଇବା ବଢିବା ସହିତ ସକାରାତ୍ମକ ଶକ୍ତି ସଞ୍ଚାର ହୋଇଥାଏ । ଘରର ମୁଖ୍ୟ ଦ୍ୱାରରେ ଗଣେଶଙ୍କ ସହିତ ମୟୂର ପୁଚ୍ଛ ରଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ । ସକାରାତ୍ମକ ଭାବନା ଜାଗ୍ରତସ ହେବା ସହିତ କୁ ଶକ୍ତି ପ୍ରବେଶ କରି ପାରିନଥାଏ । ଅନେକ ପିଲାଙ୍କୁ ରାତିରେ ଶୋଇବା ସମୟରେ ଡର ଲାଗିଥାଏ । ତେଣୁ ତାଙ୍କ ତକିଆ ତଳେ ମୟୂର ପୁଚ୍ଛ ରଖିବା ଦ୍ୱାରା ସମସ୍ତ ଖରାପ ନଜରରୁ ରକ୍ଷା ପାଇଥାନ୍ତି । ବାସ୍ତୁ ଅନୁସାରେ, ମୟୂର ପୁଚ୍ଛକୁ ଫ୍ରେମ୍ କରି କାନ୍ଥରେ ଲଗାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମୟୂର ପୁଚ୍ଛ ସହିତ ୨୧ ଥର ଗ୍ରହ ମନ୍ତ୍ର ପଢି, ତାହା ଉପରେ ଜଳ ସିଞ୍ଚନ କରି ଏକ ଏମିତି ସ୍ଥାନରେ ରଖିବେ ଯେମିତିକି ତାହା ଉପରେ ସମସ୍ତଙ୍କ ନଜର ରହୁଥିବ । ଏହା ଦ୍ୱାରା ରାହୁ ଦୋଷ ଦୂର ହେବା ସହିତ ଜୀବନରେ ସବୁ ମଙ୍ଗଳମୟ ହୋଇଥାଏ ।



ନଗରନକ୍ସା ମହାନଗରର ନିଜ ଭାଷା






# ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ




**ଭୁବନେଶ୍ୱର,୭।୧୨ (ମହାଭାରତ):** ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ୨୦୨୫-୨୬ ବର୍ଷର ୧ମ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ହ୍ରାସ ପାଣ୍ଠି (ଏସଡିଏମଏଫ୍) କୁ ନେଇ ଗଠିତ ରାଜ୍ୟ ବିପର୍ଯ୍ୟୟ ଆପଦ ପରିଚାଳନା ପାଣ୍ଠି (ଏସଡିଆରଏମଏଫ୍) ଅଧୀନରେ ରହିଥିବା ଅର୍ଥ ଓ ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚ ଅନୁମୋଦନ ସଂପର୍କରେ ଆଲୋଚନା କରାଯାଇଥିଲା।

ଗତ ମାର୍ଚ୍ଚ ମାସ ଠାରୁ ନଭେମ୍ବର ୨୮ ତାରିଖ ମଧ୍ୟରେ ହୋଇଥିବା ରାଜ୍ୟରେ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବାବଦକୁ ହୋଇଥିବା ଜରୁରୀ ଖର୍ଚ୍ଚ ସଂପର୍କିତ ଔପଚାରିକ ଅନୁମୋଦନ କରାଯାଇଥିଲା। ବୈଠକରୁ ଜଣାଯାଇଛି ଯେ, ୨୦୨୫-୨୬ ବର୍ଷରେ ଏସଡିଆରଏମଏଫ୍‌ରୁ ମୋଟ ୩୯୧.୪୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବୈଠକରେ ପ୍ରସ୍ତାବିତ ଅନୁମୋଦନ ନିମନ୍ତେ ରହିଥିବା କାର୍ଯ୍ୟ ମଧ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ପ୍ରତିକାରାତ୍ମକ ବ୍ୟବସ୍ଥା ପାଇଁ ଦିଆଯାଇଥିବା ସଂଶୋଧିତ ଅତିରିକ୍ତ ଖର୍ଚ୍ଚ ମଂଜୁର କରାଯିବା, ବିଭିନ୍ନ ଜିଲ୍ଲାରେ ବଜ୍ରପାତରୁ ରକ୍ଷା ନିମନ୍ତେ ପ୍ରତିକାରାତ୍ମକ ବ୍ୟବସ୍ଥା ପାଇଁ ଆର୍ଥିକ ସହାୟତା ଏବଂ ଜଙ୍ଗଲ ନିଆଁ ରୋକିବାରେ ଆପଦ ପରିଚାଳନା ପାଇଁ ଓସଡମା ତରଫରୁ ଦିଆଯାଇଥିବା ଆର୍ଥିକ ମଂଜୁରୀ ପ୍ରସ୍ତାବକୁ ଅନୁମୋଦନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ଉପକୂଳ ଅଂଚଳରେ ବନ୍ୟା ବାତ୍ୟା ସମୟରେ ସ୍ଥାନୀୟ ପୋଲିସ୍ ର ପ୍ରଭାବୀ ପରିଚାଳନା ଓ ତୁରନ୍ତ ପ୍ରତିକ୍ରିୟାଶୀଳତା ପାଇଁ ଆଧୁନିକ ଯନ୍ତ୍ର ପାତି ସୁବିଧା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣ ବ୍ୟବସ୍ଥା ଆଦି ନିମନ୍ତେ ଆର୍ଥିକ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶ ବିଦେଶରେ ସୁନାମ ଅର୍ଜନ କରିଛି। ବିପର୍ଯ୍ୟୟ ଅପ୍ରତ୍ୟାଶିତ ଭାବେ ଆସିଥାଏ, ସେଥିପାଇଁ ଆମକୁ ସବୁବେଳେ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରି ପ୍ରସ୍ତୁତି ରହିବାର ଆବଶ୍ୟକତା ରହିଛି। ଏଥିପାଇଁ ଆନ୍ତ- ବିଭାଗୀୟ ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବା ସହିତ ଜରୁରୀକାଳୀନ ବିପର୍ଯ୍ୟୟ କ୍ଷେତ୍ରରେ ମୁକାବିଲା ପାଇଁ ଆମର ଦ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା (ରେନ୍‌ସପନ୍‌ସ ସିଷ୍ଟମ) କିପରି ଅଧିକ ପ୍ରଭାବୀ ହେବ ଏବଂ ଖୁବ୍ କମ୍ ସମୟ ଭିତରେ ଯେପରି ଘଟଣାସ୍ଥଳରେ ପହଁଚି ଏହାର ମୁକାବିଲା ସୁନିଶ୍ଚିତ କରାଯାଇପାରିବ, ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ମୁଖ୍ୟ ଶାସନ ସଚିବ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବା ସହିତ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ସମସ୍ତ ପଦକ୍ଷେପ ଓ ସହାୟତା ଯୋଗାଇଦେବା ପାଇଁ ପ୍ରତିବଦ୍ଧ ରହିଥିବା ପ୍ରକାଶ କରିଥିଲେ।

# ବରପାଲି ରେଳ ଷ୍ଟେସନର ନବୀକରଣ




**ଭୁବନେଶ୍ୱର,୭।୧୨ (ମହାଭାରତ):** ଅମୃତ ଭାରତ ଷ୍ଟେସନ ଯୋଜନାରେ ବରପାଲି ରେଳ ଷ୍ଟେସନରେ ଏକ ବହୁତ ବଡ଼ ପରିବର୍ତନ ହୋଇଛି, ଯାହାର ଲକ୍ଷ୍ୟ ସାରା ଦେଶରେ ଆଧୁନିକ, ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରେଳ ଭିତିଭୂମି ସୁନିଶ୍ଚିତ କରିବା। ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀଙ୍କ ଅର୍ଦ୍ଧ-ସହରୀ ଏବଂ ଗ୍ରାମାଞ୍ଚଳରେ ମଧ ବିଶ୍ୱସ୍ତରୀୟ ସାଧାରଣ ସୁବିଧା ଯୋଗାଇ ଦେବାର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ, ଯାହା ଦ୍ୱାରା ସନ୍ତୁଳିତ ଆଞ୍ଚଳିକ ବିକାଶ ସୁନିଶ୍ଚିତ ହୁଏ। ୨୨.୨୮ କୋଟି ଟଙ୍କାର ପୁନଃବିକାଶ ଖର୍ଚ୍ଚ ସହିତ, ଉନ୍ନତ ବରପାଲି ଷ୍ଟେସନ ଏବେ ଆଧୁନିକ ରେଳ ସ୍ଥାପତ୍ୟର ଏକ ମଡେଲ ଭାବରେ ଠିଆ ହୋଇଛି ଯାହା ଉନ୍ନତ ସୁଗମତା, ବର୍ଦ୍ଧିତ ସୁରକ୍ଷା, ସମୃଦ୍ଧ ସାଂସ୍କୃତିକ ସୌନ୍ଦର୍ଯ୍ୟ ଏବଂ ଉନ୍ନତ ଯାତ୍ରୀ ସୁବିଧା ପ୍ରଦାନ କରେ। ଷ୍ଟେସନ ଆଧୁନିକୀକରଣ ଏବଂ ନାଗରିକ କେନ୍ଦ୍ରିକ ସେବା ପ୍ରତି ମାନ୍ୟବର କେନ୍ଦ୍ର ରେଳ ମନ୍ତ୍ରୀଙ୍କ ନିରନ୍ତର ଗୁରୁତ୍ୱରୁ ପ୍ରେରିତ ହୋଇ, ବରପାଲି ରେଳ ଷ୍ଟେସନ ଏବେ ପଶ୍ଚିମ ଓଡିଶା ପାଇଁ ଏକ ପ୍ରମୁଖ ରେଳ ଭିତ୍ତିଭୂମି ସମ୍ପତ୍ତି ଭାବରେ ଉଭା ହୋଇଛି।

ବାରପାଲି ଷ୍ଟେସନର ଆଧୁନିକୀକରଣ ଫଳରେ ଉନ୍ନତ ସଂଯୋଗୀକରଣ ଦ୍ୱାରା ବରଗଡ ଜିଲ୍ଲା ଏବଂ ଆଖପାଖ ସହରଗୁଡ଼ିକର ଦୈନିକ ଯାତ୍ରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ କୃଷକମାନଙ୍କୁ ସହାୟତା ମିଳିବ। ଉନ୍ନତ ଷ୍ଟେସନ ଭିତ୍ତିଭୂମି ସ୍ଥାନୀୟ ବ୍ୟବସାୟ, ଓଏସଓପି (ୱାନ ଷ୍ଟେସନ ୱାନ ପ୍ରଡକ୍ଟ) ବିକ୍ରେତା ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ।

## ନାଫେଡ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ନାଫେଡ୍ ପକ୍ଷରୁ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସେଥିରେ ରାଜ୍ୟର ବିଭିନ୍ନ ସମବାୟ ସଂସ୍ଥା, ସମବାୟ ବିଭାଗ, ଓଡ଼ିଶା ସରକାର, ମାର୍କଫେଡ ଓଡ଼ିଶା, ନାଫେଡ କୃଷକ ଉତ୍ପାଦକ କମ୍ପାନୀ ଆଦି ଅଂଶଗ୍ରହଣ କରିଥିଲେ। ଉକ୍ତ ମ୍ୟାଚ ଭୁବନେଶ୍ୱରସ୍ଥିତ ଆର୍‌ଆଇଇ କ୍ୟାମ୍ପସ୍ ପଡିଆରେ ଅନୁଷ୍ଠିତ ହୋଇଥିଲା। ମାର୍କଫେଡ ପ୍ରେସିଡେଣ୍ଟ କବିତା ମଞ୍ଜରୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସେ ବ୍ୟକ୍ତିର ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ କ୍ରୀଡାର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ସନ୍ତୋଷ କୁମାର ନାୟକ, ଏମ୍‌ଡି ମାର୍କଫେଡ, ରାଜେଶ କୁମାର ସିଂ, ବ୍ରାଞ୍ଚ ମ୍ୟାନେଜର ଏନ୍‌ସିସିଏଫ ଏବଂ ଶ୍ରୀ ସମ୍ବିତ ତ୍ରିପାଠୀ, ସିଏମ୍‌ଡି, ଲାଇଭଲିହୁଡ୍ ଅଲ୍‌ଟରନେଟିଭସ୍ ଅନ୍ୟ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ।

# ଓମଫେଡ୍ ଦୁଗ୍ଧରେ ମିଶୁଛି ଭିଟାମିନ୍

**ଭୁବନେଶ୍ୱର,୭।୧୨ (ମହାଭାରତ):** ଓମଫେଡ୍ ଦୁଗ୍ଧରେ ମାନଦଣ୍ଡ ଆଧାରରେ ଭିଟାମିନ୍ ଏ ଓ ଭିଟାମିନ୍ ଡି୨ ମିଶାଯାଏ। ଏହା ସହିତ ଏହି ଦୁଗ୍ଧରେ ସ୍କିମ୍ ମିଲ୍କ ପାଉଡର (ଏସଏମପି) କିମ୍ବା ହୋଲ ମିଲ୍କ ପାଉଡର (ଡବ୍ଲୁଏମପି) ମିଶାଯାଏ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ।



ଓମଫେଡ୍ ଦୁଗ୍ଧ ଉତ୍ପାଦନ ଓ ବିକ୍ରୟ ନେଇ ବିଧାୟକ ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ଓମଫେଡ୍ ମାଧ୍ୟମରେ ଦୈନିକ ହାରାହାରି ୫ଲକ୍ଷ ୧୪ହଜାର ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି ଓ ଦୈନିକ ପ୍ରାୟ ୪ଲକ୍ଷ ୧୪ହଜାର ଲିଟର ଦୁଗ୍ଧ ଓ ଦୁଗ୍ଧଜାତି ସାମଗ୍ରୀ ବିକ୍ରି ପାଇଁ ବଜାରକୁ ଛଡାଯାଉଛି। ୨୦୨୫-୨୬ ବର୍ଷରେ ଓମଫେଡ୍ ୨୫୦ଟି ନୂତନ ଖୁଚୁରା ବିକ୍ରୟ କେନ୍ଦ୍ର ଓ ୧୦ଟି ଡିଷ୍ଟ୍ରିବ୍ୟୁଟର କାଉଣ୍ଟର ଖୋଲିବା ପାଇଁ ପଦକ୍ଷେପ ନେଉଛି।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଚାଷୀମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ ପରେ ତାହାକୁ ଶତଳୀକରଣ କେନ୍ଦ୍ରରେ ଥଣ୍ଡାକରି ଟ୍ୟାଙ୍କର ମାଧ୍ୟମରେ ନିକଟସ୍ଥ ପ୍ଲାଣ୍ଟରେ ପହଞ୍ଚାଯାଇଥାଏ। ତା ପରେ ସେହି ଦୁଗ୍ଧକୁ ଆବଶ୍ୟକତା ଅନୁଯାୟୀ ପ୍ରକ୍ରିୟାକରଣ ଓ ଷ୍ଟାଣ୍ଡାର୍ଡାଇଜଡ୍ କରାଯାଏ। ଏଫ୍‌ଏସଏସଏଆଇ ମାନଦଣ୍ଡ ଅନୁଯାୟୀ ଟୋନଡ୍ ଦୁଗ୍ଧ ୩% ଘିଅ ଓ ୮.୫% ଛେନା ଅଂଶ ରଖାଯାଏ। ପ୍ରିମିୟମ ଦୁଗ୍ଧରେ ଏହ ହାର ଯଥାକ୍ରମେ ୩.୫% ଓ ୮.୫% ଏବଂ ଗୋଲ୍ଡ ପ୍ଲସ ଦୁଗ୍ଧରେ ଏହା ୪.୫% ଏବଂ ୮.୫% ରଖାଯାଏ। ଦୁଗ୍ଧ ସଂଗ୍ରହ ପରେ ଆବଶ୍ୟକତା ଠାରୁ ଅଧିକ ଘିଅ ଅଂଶକୁ ଦୁଗ୍ଧରୁ କ୍ରିମ୍ ପୃଥକୀକରଣ ମାଧ୍ୟମରେ କାଢି ନିଆଯାଏ ଓ ତାହାକୁ ପରବର୍ତ୍ତୀ ସମୟରେ ଘିଅ ଉତ୍ପାଦନରେ ବ୍ୟବହାର କରାଯାଏ। ଦୁଗ୍ଧରେ ଆବଶ୍ୟକତା ଅନୁଯାୟୀ ଦୁଗ୍ଧ ଗୁଣ୍ଡ ଓ ଭିଟାମିନ୍ ମିଶଯାଏ।

# ମାଣ୍ଡିଆ କ୍ରୟ ବ୍ୟବସ୍ଥାକୁ ସୁଗମ କର




**ଭୁବନେଶ୍ୱର,୭।୧୨ (ମହାଭାରତ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଶ୍ରୀଅନ୍ନ ଅଭିଯାନ ଅଧୀନରେ ମାଣ୍ଡିଆ ବିତରଣ ଏବଂ କ୍ରୟ ସମ୍ବନ୍ଧୀୟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ, ସୁଦର୍ଶନ ଚକ୍ରବର୍ତୀ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଶୁଭମ ସକ୍ସେନାଙ୍କ ସହ ଭାରତୀୟ ଖାଦ୍ୟ ନିଗମ, ଓଡ଼ିଶା ଜନଜାତି ବିକାଶ ସମବାୟ ନିଗମ ଲିମିଟେଡ, ଏବଂ କୃଷି ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ବୈଠକରେ ଚଳିତ ବର୍ଷର ମାଣ୍ଡିଆ କ୍ରୟ କାର୍ଯ୍ୟକ୍ରମକୁ ସୁଗମ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ ଏଥିରେ ଅଧିକରୁ ଅଧିକ ମାଣ୍ଡିଆ ଚାଷୀଙ୍କୁ ଯୋଡିବାର ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା, ଯେଭଳି ଏହି ସହାୟତାର ଲାଭ ଅସାଧୁ ବେପାରୀମାନେ ନନିଅନ୍ତି ଏଥି ନିମନ୍ତେ ଜିଲ୍ଲାପାଳ ମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କ୍ରୟ କରାଯାଉଥିବା ମାଣ୍ଡିଆର ବିଭିନ୍ନ ରାଜ୍ୟ ସରକାରଙ୍କ ଯୋଜନା ମାଧ୍ୟମରେ ବଂଟନ ସହ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ଭଣ୍ଡାରକୁ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ ଯୋଗାଣ ଉପରେ ମଧ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ବିଗତ ବର୍ଷ ୭,୫୮,୦୦୦ କ୍ୟୁଂଟାଲ୍ ମାଣ୍ଡିଆ ପ୍ରୋକ୍ୟୁରମେଂଟ କରାଯାଇଥିଲା ଏବଂ ପ୍ରଥମ ଥର ପାଇଁ ଏକ ଲକ୍ଷ କ୍ୟୁଂଟାଲ୍ ରୁ ଅଧିକ ମାଣ୍ଡିଆ ଆନ୍ଧ୍ରପ୍ରଦେଶ ରାଜ୍ୟ ଓ ଆଣ୍ଡାମାନ୍-ନିକୋବର୍ କେନ୍ଦ୍ରଶାସିତ ଅଂଚଳକୁ ଓଡ଼ିଶା ରପ୍ତାନୀ କରିଛି।

ଜଳବାୟୁ ପରିବର୍ତନ କାଳରେ ମାଣ୍ଡିଆ ଭଳି ଶସ୍ୟର ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସଚିବ ଡ. ପାଢ଼ୀ ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ଲ୍ୟାବ ଟେକ୍‌କନ୍ ସମ୍ମିଳନୀ



**ଭୁବନେଶ୍ୱର,୭।୧୨ (ମହାଭାରତ):** ନଭେମ୍ବର ୩୦ ତାରିଖ ରବିବାର ଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ ଓ ଅଲ୍ ଇଣ୍ଡିଆ ମେଡିକାଲ୍ ଲାବୋରେଟୋରୀ ଟେକ୍ନୋଲୋଜିଷ୍ଟସ ଆସୋସିଏସନ୍ (ଏଆଇଏମ୍‌ଏଲ୍‌ଟିଏ) ର ମିଳିତ ସହଯୋଗରେ ଓଡ଼ିଶା ରାଜ୍ୟସ୍ତରୀୟ ଲ୍ୟାବ ଟେକ୍‌କନ୍ ୨୦୨୫ ସାଇନ୍‌ଟିଷ୍ଟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ପରାମର୍ଶଦାତା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲ୍ୟାବ ଟେକ୍ନିସିଆନ୍‌ମାନେ କିପରି ଭାବେ ଉନ୍ନତ ଜ୍ଞାନର ଉପଯୋଗ କରି ସେବାକାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ଛାତ୍ରଛାତ୍ରୀ ତଥା ଟେକ୍ନିସିଆନ୍‌କୁ ବୁଝାଇଥିଲେ।

ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଆଇଏମ୍‌ଏସ୍ ଓ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏହି ସମ୍ମିଳନୀର ବିଶେଷତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଏଆଇଏମ୍‌ଏଲ୍‌ଟିଏର ସାଧାରଣ ସମ୍ପାଦକ ଶ୍ରୀ ଦେବେନ୍ଦ୍ର ପ୍ରସାଦ, ସମ୍ ହସ୍ପିଟାଲ୍‌ର ଡାକ୍ତର ରାଜଶ୍ରୀ ପାଣିଗ୍ରାହୀ, ଡାକ୍ତର ସୁନୀଲ ଅଗ୍ରୱାଲା, ଡାକ୍ତର ଦେବାଶିଷ ସାହୁ, ଡାକ୍ତର ସୁନୀଲ ଝା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଅଧିବେଶନର ପ୍ରଥମାର୍ଦ୍ଧରେ ଏଆଇଏମ୍‌ଏଲ୍‌ଟିର ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ଏଆଇଏମ୍‌ଏଲ୍‌ଟିଏର ଉପସଭାପତି ରଶ୍ମିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମର ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଡାକ୍ତର ଦିପିକା ମହାନ୍ତ, ଡାକ୍ତର ସୌରଭ ମହାପାତ୍ର, ଡାକ୍ତର ବିଭୂଦତ ରାଉତରାୟ, ଡାକ୍ତର କେ. ମୋହନୀରାଓ ଏବଂ ଡାକ୍ତର ଅମୃତା କର ଯୋଗ ଦେଇଥିବା ଟେକ୍ନିସିଆନ୍ ଓ ଛାତ୍ରଛାତ୍ରୀମାନଙ୍କୁ ନୂତନ ଟେଷ୍ଟିଂର କୌଶଳ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ।

## ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍ ୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି ଭାରତରେ ଉପଲବ୍ଧ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି, ସାଣ୍ଡିସ୍କର ଏକ ଉଚ୍ଚମାନର ଗେମିଂ ଡ୍ରାଇଭ୍ ଯାହାକି ବର୍ତମାନ ଭାରତରେ ଉପଲବ୍ଧ ହୋଇଛି । ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍୭୧୦୦ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖେଳାଳୀମାନଙ୍କୁ ଅତ୍ୟଧିକ ଭିଜୁଆଲ୍ ଏବଂ ଇମର୍ସିଭ୍ ଗେମ୍‌ର ସମ୍ପୂର୍ଣ୍ଣ ଲାଭ ଉଠାଇବାରେ ସାହାଯ୍ୟ କରିବା। ସାଣ୍ଡିସ୍କର ସର୍ବଶେଷ ଟିଏଲ୍‌ସି ୩ଡି ଏନ୍‌ଏଏନ୍‌ଡି ସହିତ ନିର୍ମିତ, ଏହି ନୂତନ ଏସ୍‌ଏସ୍‌ଡି ୭,୨୫୦ଏମ୍‌ବି/ଏସ୍ ପଠନ ଏବଂ ୬,୯୦୦ଏମ୍‌ବି/ଏସ୍ ରାଇଟ୍ ୧ (୧-୨ଟିବି ମଡେଲ୍) ପର୍ଯ୍ୟନ୍ତ ଗତି ପ୍ରଦାନ କରେ, ଯାହାର କାର୍ଯ୍ୟଦକ୍ଷତା ଆମ ପୂର୍ବ ପିଢି଼୪ ଏସ୍‌ଏସ୍‌ଡି ତୁଳନାରେ ୩୫% ପର୍ଯ୍ୟନ୍ତ ଅଧିକ ଅଟେ। ଭାରତର ବରିଷ୍ଠ ଡାଇରେକ୍ଟର ସେଲ୍ସ ଖାଲିଦ ୱାନି କହିଛନ୍ତି ଯେ, "ଯେହେତୁ ଖେଳଗୁଡିକ ଅଧିକ ଜଟିଳ ଏବଂ ଷ୍ଟୋରେଜ୍ ତୀବ୍ର ହୋଇଯାଏ, ଆଜିର ଖେଳାଳୀ ଉଚ୍ଚ କାର୍ଯ୍ୟଦକ୍ଷତା ଏସ୍‌ଏସ୍‌ଡି ଆବଶ୍ୟକ କରନ୍ତି ଯାହା ଦୀର୍ଘ ଗେମପ୍ଲେ ପାଇଁ ଶକ୍ତି ପ୍ରଦାନ କରେ । ଏସ୍‌ଏନ୍୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି ହେଉଛି ପରବର୍ତୀ ପିଢ଼ିର ଗେମିଂ ପାଇଁ କେବଳ ଡ୍ରାଇଭ୍ କାରଣ ଏହାର ଆଶ୍ଚର୍ଯ୍ୟଜନକ କାର୍ଯ୍ୟଦକ୍ଷତା, ଉଚ୍ଚ କ୍ଷମତା ଏବଂ ଦ୍ରୁତ ଲୋଡ୍ ଦୀର୍ଘ ସମୟ ପ୍ରଦାନ କରେ ଯାହା ଖେଳାଳୀମାନଙ୍କୁ ସେମାନଙ୍କର ସର୍ବୋତମ ଖେଳ ଖେଳିବାରେ ସାହାଯ୍ୟ କରେ।

# କିଟ୍‌କୁ 'ବେଷ୍ଟ ଇମର୍ଜିଂ ୟୁନିଭର୍‌ସିଟି' ପୁରସ୍କାର



**ଭୁବନେଶ୍ୱର,୭।୧୨ (ମହାଭାରତ):** ପୁଡୁଚେରୀରେ ଅନୁଷ୍ଠିତ ୫୫ତମ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଆଇଏସ୍‌ଟିଇ) ଜାତୀୟ ଅଧ୍ୟାପକ ସମ୍ମିଳନୀରେ କିଟ୍ ବିଶ୍ୱବିଦ୍ୟାଳୟକୁ 'ବେଷ୍ଟ ଇମର୍ଜିଂ ୟୁନିଭରସିଟି' (ଶ୍ରେଷ୍ଠ ଉଦୀୟମାନ ବିଶ୍ୱବିଦ୍ୟାଳୟ) ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ସମ୍ମାନ ଭାରତର ସବୁଠାରୁ କ୍ରିୟାଶୀଳ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ କିଟ୍ ବିଶ୍ୱବିଦ୍ୟାଳୟର ନିରନ୍ତର ବୃଦ୍ଧିକୁ ସୂଚାଉଛି। ଦୀର୍ଘ ବର୍ଷ ଧରି କିଟ୍ ଶୈକ୍ଷିକ ଉତ୍କର୍ଷତା, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ସଂପ୍ରଦାୟ ସେବା ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରଶଂସା ଅର୍ଜନ କରି ମୂଲ୍ୟବୋଧ ଓ ସାମାଜିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଆସିଛି। ବୈଷୟିକ ଶିକ୍ଷା ଓ ପ୍ରତିଷ୍ଠାନ ବିକାଶରେ କିଟ୍‌ର ଅବଦାନକୁ ସ୍ୱୀକୃତି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହା ସହ ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠାର ସହିତ ଏହି ସଫଳତାକୁ ସମ୍ଭବ କରିଥିବାରୁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ସପ୍ସି ଛୋଟ ସହରରେ ଅଭିବୃଦ୍ଧିକୁ ସୁଦୃଢ଼ କରିଛି

**ଭୁବନେଶ୍ୱର,୭।୧୨ (ମହାଭାରତ):** ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ହାଇପରଭାଲ୍ୟୁ ପ୍ଲାଟଫର୍ମ ମଧ୍ୟରୁ ଅନ୍ୟତମ ସପ୍ସି ବାଇ ଫ୍ଲିପକାର୍ଟ ଏହି ଉତ୍ସବ ଋତୁରେ ଅଭୂତପୂର୍ବ ସଫଳତା ରେକର୍ଡ କରିଛି, ଭାରତର ଟାୟାର ୨, ୩ ଏବଂ ୪ ସହରରୁ ଅର୍ଡର ଏବଂ ନୂତନ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଇଛି । ପ୍ଲାଟଫର୍ମରେ ଯୁବ କ୍ରେତାମାନଙ୍କ ଠାରୁ ଉଚ୍ଚ ଯୋଗଦାନ, ଦୃଢ଼ ବର୍ଗ ଅଭିବୃଦ୍ଧି ଏବଂ ପୁନରାବୃତି କ୍ରେତାମାନଙ୍କ ମଧ୍ୟରେ ତୀବ୍ର ବୃଦ୍ଧି ଦେଖିବାକୁ ମିଳିଥିଲା, ଯାହା ଗ୍ରାହକଙ୍କ ଧାରା ଏବଂ ହାଇପରଭାଲ୍ୟୁ ଇ-କମର୍ସ ଉପରେ ବିଶ୍ୱାସକୁ ପ୍ରତିଫଳିତ କରିଥିଲା । ଶ୍ରେଷ୍ଠ ୩/୪ ହବ୍ ମଧ୍ୟରେ ଭେଲୋର, ମେଦିନୀପୁର, ପୂର୍ବ ଗୋଦାବରୀ, ଚିତୁର, ବର୍ଦ୍ଧମାନ, ଭାଗଲପୁର, ପୁରୀ, ଅଗରତାଲା ଏବଂ ବାଙ୍କୁରା ଅନ୍ତର୍ଭୁକ୍ତ । ଏହି ବଜାରଗୁଡ଼ିକ କେବଳ ପରିମାଣ ବୃଦ୍ଧି କରିନଥିଲେ ବରଂ ବିଶେଷ କରି ଦୀପାବଳି ସମୟରେ ବ୍ରାଣ୍ଡେଡ, ଗୁଣବତା-ଯାଂଚକୃତ ଚୟନର ଚାହିଦା ବୃଦ୍ଧି କରିଥିଲା ।

ଫ୍ଲିପକାର୍ଟର ସପ୍ସି ଏବଂ ଫ୍ଲିପକାର୍ଟ ମାର୍କେଟପ୍ଲେସର ଉପସଭାପତି କପିଲ ଥିରାନି କହିଛନ୍ତି, "୨୦୨୫ ଉତ୍ସବ ଋତୁ ଭାରତର କୋଣ ଅନୁକୋଣରୁ କ୍ରେତାମାନଙ୍କୁ ଭେଲୋର ଏବଂ ପୂର୍ବ ଗୋଦାବରୀରୁ ଅଗରତାଲା ଏବଂ ଭାଗଲପୁର ପର୍ଯ୍ୟନ୍ତ ସଫଳତାର ସହ ସପ୍ସିକୁ ଆଣିଛି । ଏହି ସଫଳତା ବିବିଧ, ମୂଲ୍ୟ-କେନ୍ଦ୍ରିତ ଉତ୍ପାଦ ପ୍ରଦାନ କରିବା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ପାଇଁ ପ୍ଲାଟଫର୍ମର ପ୍ରତିବଦ୍ଧତାର ପ୍ରମାଣ ଅଟେ, ଯାହା ଛୋଟ ସହରରେ ଗଭୀର ଭାବରେ ପ୍ରତିଧ୍ୱନିତ ହୁଏ ।

# ଆଇଟିସି ସଙ୍ଗୀତ ସମ୍ମିଳନୀ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଆଇଟିସି ସଙ୍ଗୀତ ଗବେଷଣା ଏକାଡେମୀ (ଆଇଟିସିଏସଆରଏ) ଦ୍ୱାରା ୫ ରୁ ୭ ଡିସେମ୍ବର ପର୍ଯ୍ୟନ୍ତ ୫୪ତମ ଆଇଟିସି ସଙ୍ଗୀତ ସମ୍ମିଳନୀ ୨୦୨୫ ଆରମ୍ଭ ହୋଇଛି। ଏଥିରେ




ଭାରତର ପ୍ରବୀଣ, ସଙ୍ଗୀତ ପ୍ରେମୀ ଏବଂ ସାଧାରଣ ଜନତା ଅଂଶ ଗ୍ରହଣ କରିଛନ୍ତି। ଏକାଡେମୀ ପରିସରରେ ଆୟୋଜିତ ଏହି ତିନି ଦିନିଆ ମହୋତ୍ସବର ଉଦଘାଟନୀ ଅଧିବେଶନରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଉତ୍କର୍ଷତା, ବିବିଧତା ଏବଂ ସମୃଦ୍ଧି ପ୍ରଦର୍ଶିତ ହୋଇଛି। ଆଇଟିସିଏସଆରଏ ପକ୍ଷରୁ ପ୍ରାୟ ୫ ଦଶନ୍ଧି ଧରି ଏହି ଧାରା ବଜାୟ ରଖାଯାଇଛି। ସମ୍ମିଳନୀରେ କିମ୍ବଦନ୍ତୀ କଳାକାର, ବିଶିଷ୍ଟ ଗୁରୁ, ଦକ୍ଷ ସହଯୋଗୀ ଏବଂ ଏକାଡେମୀର ନିଜସ୍ୱ ଉଦୀୟମାନ ବିଦ୍ୱାନମାନେ ନିଜ ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏହା ଉପସ୍ଥିତ ଦର୍ଶକଙ୍କୁ ପରମ୍ପରା, ଗୁଣାତ୍ମକ ଏବଂ ନବସୃଜନର ଏକ ବିରଳ ସଙ୍ଗମ ଉପଲବ୍ଧି କରାଇବାକୁ ସକ୍ଷମ ହୋଇଛି। ଚଳିତ ବର୍ଷର ମହୋତ୍ସବ ଏକ ବିଶେଷ ମୁହୂର୍ତ୍ତ ଦ୍ୱାରା ଚିହ୍ନିତ ହୋଇଥିଲା, କାରଣ ଆଇଟିସି ଏବଂ ଆଇଟିସି ସଙ୍ଗୀତ ଗବେଷଣା ଏକାଡେମୀ କିମ୍ବଦନ୍ତୀ ପରୱିନ ସୁଲତାନାଙ୍କୁ ତାଙ୍କର ଅସାଧାରଣ କଳାକୃତି, ଗଭୀର ପ୍ରତିବଦ୍ଧତା ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସ୍ଥାୟୀ ଅବଦାନକୁ ସମ୍ମାନ ଜଣାଇ ତାଙ୍କୁ ବିଶିଷ୍ଟ ଆଇଟିସି ସଙ୍ଗୀତ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଏହି ପ୍ରତିଷ୍ଠିତ ପୁରସ୍କାର ମାଧ୍ୟମରେ, ଏକାଡେମୀ ଜଣେ କଳାକାରଙ୍କୁ ସମ୍ମାନିତ କରିଛି ଯାହାଙ୍କର ସ୍ୱର ପିଢ଼ି ପରେ ପିଢ଼ିଙ୍କୁ ପ୍ରେରଣା ଦେଇ ଆସୁଛି ଏବଂ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାକୁ ଋଦ୍ଧିମନ୍ତ କରିଛି।

# ରାଜ୍ୟରେ ଗଡୁଛି ୨.୧୯ ଲକ୍ଷ ଇଲେକ୍ଟ୍ରିକ୍ ଯାନ

**ଭୁବନେଶ୍ୱର,୭।୧୨ (ମହାଭାରତ):** ଓଡ଼ିଶାରେ ଏପର୍ଯ୍ୟନ୍ତ ୨.୧୯ ଲକ୍ଷରୁ ଅଧିକ ଇଲେକ୍ଟ୍ରିକ୍ ଯାନ ପଞ୍ଜୀକୃତ ହୋଇ ରାସ୍ତାରେ ଚାଲୁଛି। ଗୁରୁବାର ବିଧାନସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଇଲେକ୍ଟ୍ରିକ୍ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ବର୍ଗରେ ମୋଟ ୩୪୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବିଭିନ୍ନ ସରକାରୀ ବିଭାଗ ଓ ଏଜେନ୍ସି ଏପର୍ଯ୍ୟନ୍ତ ୬୮୦ଟି ଇଲେକ୍ଟ୍ରିକ୍ ଯାନ କିଣିଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରେ ୧୨ଟି ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ଷ୍ଟେସନ୍ କାର୍ଯ୍ୟକ୍ଷମ ରହିଛି। ନୂତନ ଇଲେକ୍ଟ୍ରିକ୍ ଯାନ ନୀତିକୁ ସରକାରୀ ଅନୁମୋଦନ ମିଳିବା ପରେ ଅତିରିକ୍ତ ସୁବିଧା ଘୋଷଣା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେପ୍ଟେମ୍ବରରେ ଜାରି ହୋଇଥିବା ଖସଡ଼ା ଓଡ଼ିଶା ଇଲେକ୍ଟ୍ରିକ୍ ଯାନ ନୀତି-୨୦୨୫ ଅନୁଯାୟୀ, ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟରେ ଥିବା ସମସ୍ତ ଗାଡ଼ିକୁ ୬ ମାସ ମଧ୍ୟରେ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ସହିତ ୧୨ ମାସ ମଧ୍ୟରେ ସ୍କୁଲ୍, ଶିକ୍ଷାନୁଷ୍ଠାନ, ଆମ୍ବୁଲାନ୍ସ ଏବଂ ପିସିଆର୍ ଭ୍ୟାନକୁ ମଧ ଇଲେକ୍ଟ୍ରିକ୍ ଯାନରେ ରୂପାନ୍ତରିତ କରାଯିବ।




ନୂଆ ନୀତିରେ ପରିବହନ କ୍ଷେତ୍ରରେ ବ୍ୟବହୃତ ଇଭି ଗାଡ଼ିଗୁଡ଼ିକ ପାଇଁ ବଡ଼ ଧରଣର ପ୍ରୋତ୍ସାହନ ରାଶି ରଖାଯାଇଛି, ଯେପରିକି ଟ୍ରାନ୍ସପୋର୍ଟ ପାଇଁ ବ୍ୟବହୃତ ଇଲେକ୍ଟ୍ରିକ୍ କାର୍ ଉପରେ ଏକକାଳୀନ ୨ ଲକ୍ଷ ଟଙ୍କା।

# ମାତୃଭାଷାର ସୁରକ୍ଷା

ନିଜ ମାତୃଭାଷାର ସୁରକ୍ଷା ନିମନ୍ତେ ଇଟାଲି ସରକାର ଏଭଳି ଏକ ନୁତନ ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଇଂରାଜୀ ଭାଷା ହେଉଛି ବିଶ୍ୱର ସର୍ବାଧିକ କଥିତ ବା ବ୍ୟବହୃତ ଭାଷା। ଆଧୁନୀକ ଶିକ୍ଷାର ଏହା ହେଉଛି ଶ୍ରେଷ୍ଠ ମାଧ୍ୟମ। ତେଣୁ ଏହାକୁ ଉପେକ୍ଷା କରାଯାଇପାରିବନି। କିନ୍ତୁ ଏହାର ସୀମିତ ବ୍ୟବହାର ଆବଶ୍ୟକ। କେବଳ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ଏହାକୁ ଅନ୍ୟ ଦେଶ ବ୍ୟବହାରିକ ଭାଷା ଭାବେ ବିଚାର କରିବା ଅନୁଚିତ। ଜାପାନ, କୋରିଆ, ଚୀନ ଏବଂ ବିଶ୍ୱର ଅନ୍ୟ ବହୁ ସମୃଦ୍ଧ ରାଷ୍ଟ୍ର ଇଂରାଜୀ ଭାଷାର ସୀମିତ ବ୍ୟବହାର ବା ଆଦୌ ବ୍ୟବହାର ନକରି ଆଗକୁ ଯାଇପାରିଛନ୍ତି। ଚୀନ ଓ ଜାପାନର ରାଷ୍ଟ୍ରମୁଖ୍ୟ ବିଦେଶ ଗସ୍ତରେ ଗଲେ ବା କୌଣସି ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଲେ ନିଜ ମାତୃଭାଷାରେ ବକ୍ତବ୍ୟ ପ୍ରଦାନ କରନ୍ତି। ଅନ୍ୟମାନଙ୍କ ବୁଝିବା ପାଇଁ ଜଣେ ଭାଷାନ୍ତର ଜାଣିଥିବା ବ୍ୟକ୍ତିର ଆବଶ୍ରକତା ପଡ଼ିଥାଏ। କିନ୍ତୁ ଭାରତ ବା ଦକ୍ଷିଣ ଏସିଆ ତଥା ଆଫ୍ରିକାର ଅନ୍ୟ ବହୁ ରାଷ୍ଟ୍ରରେ ଇଂରାଜୀକୁ ମାତ୍ରାଧିକ ଗୁରୁତ୍ୱ ଦିଆଯାଉଛି। ଉପମହାଦେଶରେ ଇଂରାଜୀ ଭାଷାରେ ଲେଖା ପଢ଼ା ଜାଣିନଥିବା ବ୍ୟକ୍ତିଙ୍କୁ ମୂର୍ଖ ବୋଲି ବିଚାର କରାଯାଏ ଏବଂ ତାଙ୍କୁ ହେୟଜ୍ଞାନ କରାଯାଇଥାଏ। ଭାରତରେ ଦୁଇ ଶହ ବର୍ଷର ବ୍ରିଟିଶ ଶାସନ କାଳରେ ଇଂରାଜୀ ଭାଷାର ପ୍ରସାର ଏତେ ଗଭୀରକୁ ଯାଇନଥିଲା। ଯଦିଓ ଏହାର ଭିତ୍ତିଭୂମି ସେତେବେଳେ ପଡ଼ିଥିଲା। କିନ୍ତୁ ସ୍ୱାଧୀନତା ପରେ ଭାରତ ସରକାର ଇଂରାଜୀ ଭାଷାକୁ ମାତ୍ରାଧିକ ଗୁରୁତ୍ୱ ଦେଲେ ଏବଂ ବ୍ରିଟିଶ ଶାସନ କାଳରେ ଯେପରି ଇଂରାଜୀ ଭାଷା ସରକାରୀ ଭାଷା ଭାବେ ବ୍ୟବହୃତ ହେଉଥିଲା, ଏବେ ବି ସେହି ବ୍ୟବସ୍ଥା ଚାଲିଛି। ଇଂରାଜୀ ଭାଷାରେ ଦୁର୍ବଳ ବ୍ୟକ୍ତି କଦାପି ଉଚ୍ଚ ଶିକ୍ଷା ଲାଭ କରିପାରିବ ନାହିଁ କିମ୍ବା ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିବ ନାହିଁ। ଭାରତରେ ଶିକ୍ଷାର ମାଧ୍ୟମ ହେଉଛି ଇଂରାଜୀ। ଗତ କିଛି ବର୍ଷ ହେବ ଓଡ଼ିଶା ସମେତ ସମଗ୍ର ଦେଶରେ ଇଂରାଜୀ ମାଧ୍ୟମ ସ୍କୁଲ ଏଭଳି ଛତୁ ଫୁଟିବା ଭଳି ପ୍ରତିଷ୍ଠିତ ହୋଇଛି ଯେ, ଆମ ଦେଶର ପିଲାମାନେ ନିଜ ମାତୃଭାଷାରେ ଲେଖା ପଢ଼ା ଖୁବ କମ କରୁଛନ୍ତି। ନିଜ ମାତୃଭାଷାକୁ ଅନେକ ଭଲଭାବେ ବୁଝିପାରୁନାହାଁନ୍ତି। ମାତୃଭାଷାରେ ପ୍ରକାଶିତ ଖବର କାଗଜ ବା ବହି ପଢ଼ିବା ସେମାନଙ୍କ ମଧ୍ୟରେ ଖୁବ କ୍ୱଚିତ ଦେଖିବାକୁ ମିଳୁଛି। ଫଳରେ ଭାରତରେ ମାତୃଭାଷାଦିନକୁ ଦିନ ରସାତଳଗାମୀ ହୋଇଚାଲିଛି। ଓଡ଼ିଶାରେ ପରିସ୍ଥିତି ଏପରି ହୋଇଛି ଯେ, ଆଉ କିଛି ବର୍ଷ ପରେ ଓଡ଼ିଆ କେବଳ ଏକ କଥିତ ଭାଷା ହୋଇ ରହିଯିବ। ଯେଉଁମାନେ ଇଂରାଜୀ ଶବ୍ଦ ବ୍ୟବହାର ନକରି କଞ୍ଚା ଓଡ଼ିଆ ଭାଷା ବ୍ୟବହାର କରୁଛନ୍ତି, ସେମାନଙ୍କୁ ଗାଉଁଲି ବୋଲି କୁହାଯାଉଛି। ଅବଶ୍ୟ ଦକ୍ଷିଣ ଭାରତରେ ପରିସ୍ଥିତି ଟିକେ ଅଲଗା। ସେଠାରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ସହିତ ମାତୃଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଆଞ୍ଚଳିକ ଭାଷା ରହିଛି। ଓଡ଼ିଶାରେ ଓଡ଼ିଆ ହେଉଛି ମାତୃଭାଷା। ଇଂରାଜୀ ବା ଅନ୍ୟ ଯେ କୌଣସି ଭାଷା ତୁଳନାରେ ଏହା ଅଧିକ ସମୃଦ୍ଧ। ଓଡ଼ିଆରେ ବହୁ ପୁରାତନ ପୁସ୍ତକ ରହିଛି ଯାହା ବିଶ୍ୱ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ଭାବେ ବିବେଚିତ ହୋଇପାରେ। ସନ୍ଥକବି ଭୀମ ଭୋଇଙ୍କ ରଚନା 'ମୋଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଆଜି ଜାତିସଂଘରେ ସ୍ଥାନ ପାଇଛି। ଭୀମଭୋଇ ଇଂରାଜୀ ଭାଷା ଜାଣିନଥିଲେ। ତାଙ୍କର ପାରମ୍ପରିକ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା। କିନ୍ତୁ ସେ ଆଜି ବିଶ୍ୱର ଜଣେ ମହାନ କବି ଏବଂ ଦାର୍ଶନିକ ଭାବେ ବିବେଚିତ ହେଉଛନ୍ତି। ଉଚ୍ଚଶିକ୍ଷା ନିମନ୍ତେ ଇଂରାଜୀ ଭାଷା ଶିକ୍ଷା ଜରୁରୀ। ଇଂରାଜୀ ଭାଷାରେ ଦୁର୍ବଳତା ଜୀବନରେ ଉନ୍ନତିରେ ଏକ ବଡ଼ ପ୍ରତିବନ୍ଧକ ହୋଇଥାଏ।

# ବଙ୍ଗଳାଦେଶର ଭବିଷ୍ୟତ

"

*ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କର ସ୍ଥିତି ଦୟନୀୟ ହୋଇଛି । ପାକିସ୍ତାନ ନିର୍ମାଣ ହେବା ଦିନ ଠାରୁ ସେମାନଙ୍କ ଉପରେ ଅତ୍ୟାଚାର ଜାରୀ ରହିଛି ଓ ଧୀରେ ଧୀରେ ହିନ୍ଦୁ ମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ପାକିସ୍ତାନରୁ ଅଲଗା ହୋଇ ବଙ୍ଗଳାଦେଶ ତିଆରି ହେବା ପରେ ସେଠାରେ ଅନ୍ୟ ଇସଲାମୀ ଦେଶ ଭଳି ସାଧାରଣ ଲୋକ ମାନଙ୍କର ରେଡିକାଲାଇଜେସନର ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା। ଏହି କାର୍ଯ୍ୟ ପଛରେ ଥିଲା ଜମାତ-ଏ-ଇସଲାମୀ । ଏହି ସଂଗଠନ ଓ ଏହା ଦ୍ୱାରା ସେଠାରେ ହିନ୍ଦୁ ମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି।*

**॥ ଡ. ସମନ୍ୱୟ ନନ୍ଦ ॥**

ବଙ୍ଗଳାଦେଶରେ ସାଧାରଣ ନିର୍ବାଚନ ସମ୍ପନ୍ନ ହେବା ପରେ ଫଳାଫଳ ମଧ୍ୟ ଆସିଛି । ଶେଖ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ ପୁଣି ଥରେ ବିଜୟୀ ହୋଇଛି । ବିରୋଧୀ ବଙ୍ଗଳାଦେଶ ନ୍ୟାସନାଲିଷ୍ଟ ପାର୍ଟି ଏହି ନିର୍ବାଚନକୁ ବହିଷ୍କାର କରିଥିଲା । ଶେଖ ହସିନାଙ୍କ ଦଳ ସଂସଦର ୩ ଶହ ଆସନରୁ ଦୁଇ ତୃତୀୟାଂଶରେ ବିଜୟୀ ହୋଇ ପଂଚମ ଥର ପାଇଁ ସରକାର ଗଠନ କରିଛି । ଏହି ନିର୍ବାଚନରେ ଆସିଥିବା ଫଳାଫଳ ଭାରତ ପାଇଁ ଭଲ ସଂକେତ ବୋଲି କୁହାଯାଇ ପାରେ । ତେବେ ବଙ୍ଗଳାଦେଶ ନିର୍ବାଚନ ଫଳାଫଳ ଆମେରିକା ପାଇଁ ଏକ ବଡ ଝଟକା ବୋଲି ମନେ କରାଯାଉଛି । କାରଣ ଆମେରିକା ବଙ୍ଗଳାଦେଶରେ ରିଜିମ ପରିବର୍ତନ ପାଇଁ ଖୋଲାଖୋଲି ଅଭିଯାନ ଚଳାଇଥିଲା ।

ଶେଖ ହସିନା ସରକାରଙ୍କୁ ହଟାଇ ସେଠାରେ ବିଏନପି ଓ ଜମାତ ଏ ଇସଲାମୀର ମେଂଟ ସରକାର ସ୍ଥାପିତ କରିବା ପାଇଁ ଆମେରିକାର ଇଚ୍ଛା ଥିଲା । ବଙ୍ଗଳାଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଓ ଶେଖ ହାସିନା ସରକାରକୁ ହଟାଇ ତା ସ୍ଥାନରେ ବିଏନପି ସରକାରକୁ ସ୍ଥାପିତ କରିବାକୁ ଆମେରିକା ଭରପୂର ପ୍ରୟାସ କରିଥିଲା। ୨୦୨୦ ପର ଠାରୁ ଆମେରିକାର ଶେଖ ହସିନାକୁ ହଟାଇବାର ଇଚ୍ଛା ସ୍ପଷ୍ଟ ହେବାରେ ଲାଗିଥିଲା । ଆମେରିକା ଯେତେବେଳେ କୌଣସି ଦେଶରେ ଶାସନ ପରିବର୍ତନ କରିବାକୁ ଇଚ୍ଛା କରେ ସେତେବେଳେ ଉକ୍ତ ଦେଶରେ ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ବୋଲି କହିଥାଏ । ବଙ୍ଗଳାଦେଶରେ ମଧ ଆମେରିକା ଠିକ ଏଇଆ ହିଁ କରିଥିଲା । ୨୦୨୧ ମସିହାରେ ଆମେରିକା ବଙ୍ଗଳାଦେଶରେ ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ବୋଲି ସମାଲୋଚନା କରିଥିଲା । ଏହାର ପରବର୍ତୀ ପଦକ୍ଷେପ ସ୍ୱରୂପ ବଙ୍ଗଳାଦେଶର ରାପିଡ ଆକ୍ସନ ବାଟାଲିୟନ ଉପରେ କଟକଣା ଲଗାଇଥିଲା । ଏହା ପରେ ବଙ୍ଗଳାଦେଶରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ଖୋଲାଖୋଲି ଭାବେ ସେଠାକାର ରାଜନୈତିକ ସ୍ଥିତିରେ ହସ୍ତକ୍ଷେପ କରିଥିଲେ। ଆମେରିକାର ଷ୍ଟେଟ ଡିପାର୍ଟମେଂଟ ଦ୍ୱାରା ବଙ୍ଗଳାଦେଶର ମନ୍ତ୍ରୀଙ୍କୁ ସିଧା ସିଧା ଓ ବିଭିନ୍ନ ଫୋରମରେ ଧମକ ଚମକ ଦେବା ସହ ଶେଖ ହାସିନା ସରକାର ବିରୁଦ୍ଧରେ ଅପ ପ୍ରଚାର ଚଳାଯାଇଥିଲା। ହେଲେ ଏତେ ସବୁ କରିବା ପରେ ମଧ ଆମେରିକାକୁ ସଫଳତା ମିଳି ପାରି ନାହିଁ । ଆୱାମୀ ଲିଗ ହିଁ ବିଜୟୀ ହୋଇଛି ।

୨୦୦୧ ମସିହାରେ ଯେତେବେଳେ ଏହି ମେଂଟ ସରକାରରେ ଆସିଥିଲା ସେତେବେଳେ ହିନ୍ଦୁ ମାନଙ୍କ ଉପରେ ପ୍ରବଳ ଅତ୍ୟାଚାର ହୋଇଥିଲା । ହିନ୍ଦୁଙ୍କ ଘର ଦ୍ୱାର ଜାଳି ଦିଆଯାଇଥିଲା । ତେବେ କଟ୍ଟରପନ୍ଥୀ ମୁସଲମାନ ମାନଙ୍କର ଜମାତ- ବିଏନପି ମେଂଟର ସରକାର ଆସୁ ବୋଲି ଆମେରିକା କାହିଁକି ଚେଷ୍ଟା କରୁଥିଲା ? ଆମେରିକାରେ କାର୍ଯ୍ୟରତ ବଙ୍ଗଳାଦେଶର ଜମାତ-ଏ- ଇସଲାମୀ ଦ୍ୱାରା ପରିଚାଳିତ ସଂସ୍ଥା ମାନେ ଖୁବ ସକ୍ରିୟ ଓ ପ୍ରଭାବଶାଳୀ । ଆମେରିକାର ରାଜନୀତିରେ ସେମାନଙ୍କ ପ୍ରବଳ ପ୍ରଭାବ ରହିଛି । ସେମାନେ ଆମେରିକାର ଅନେକ ସିନେଟରଙ୍କୁ ପ୍ରବଳ ମାତ୍ରାରେ ପ୍ରଭାବିତ କରିଥାନ୍ତି । ଏହି କାରଣରୁ ଆମେରିକା ଆୱାମୀ ଲିଗକୁ କ୍ଷମତାରୁ ବାହାର କରିବାକୁ ଚେଷ୍ଟା କରିଥିଲା ।

ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କର ସ୍ଥିତି ଦୟନୀୟ ହୋଇଛି । ପାକିସ୍ତାନ ନିର୍ମାଣ ହେବା ଦିନ ଠାରୁ ସେମାନଙ୍କ ଉପରେ ଅତ୍ୟାଚାର ଜାରୀ ରହିଛି ଓ ଧୀରେ ଧୀରେ ହିନ୍ଦୁ ମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ପାକିସ୍ତାନରୁ ଅଲଗା ହୋଇ ବଙ୍ଗଳାଦେଶ ତିଆରି ହେବା ପରେ ସେଠାରେ ଅନ୍ୟ ଇସଲାମୀ ଦେଶ ଭଳି ସାଧାରଣ ଲୋକ ମାନଙ୍କର ରେଡିକାଲାଇଜେସନର ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା। ଏହି କାର୍ଯ୍ୟ ପଛରେ ଥିଲା ଜମାତ-ଏ-ଇସଲାମୀ । ଏହି ସଂଗଠନ ଓ ଏହା ଦ୍ୱାରା ସେଠାରେ ହିନ୍ଦୁ ମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି। ଏହି ନିର୍ବାଚନରେ ଓ ପୂର୍ବବର୍ତୀ ନିର୍ବାଚନ ମାନଙ୍କର ଜମାତ-ଏ- ଇସଲାମୀ ବଙ୍ଗଳାଦେଶ ନ୍ୟାସନାଲିଷ୍ଟ ପାର୍ଟି ସହ ରହି ଆସିଛି । ତେଣୁ ବିଏନପି ପାର୍ଟୀ କ୍ଷମତାରେ ଆସିବା ଦ୍ୱାରା ସେଠାକାର ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ ଖୁବ ବଢିବାର ଆଶଙ୍କା ଥିଲା ।

ଯଦି ଭାରତ ଓ ହିନ୍ଦୁ ମାନଙ୍କ ଦୃଷ୍ଟିରୁ ଦେଖିବା ତେବେ ଶେଖ ହାସିନାଙ୍କ ବିଜୟ ଏକ ଭଲ ଖବର । ଯଦି ଶେଖ ହସିନା ଓ ଖାଲେଦା ଜିୟାଙ୍କ ମଧ୍ୟରେ ତୁଳନା କରିବା ତେବେ ଶେଖ ହସିନା ଖାଲେଦାଙ୍କ ଅପେକ୍ଷା ଅଧିକ ସେକୁଲାର ବୋଲି ମନେ କରାଯାଇଥାଏ । ବଙ୍ଗଳାଦେଶରେ ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ଦ୍ୱାରା ମୁସଲମାନ ମାନଙ୍କୁ କଟ୍ଟର କରିବା ପ୍ରକ୍ରିୟା ଚାଲୁ ରହିଥିବା କାରଣରୁ ହିନ୍ଦୁ ଲୋକ ମାନଙ୍କ ଉପରେ ଆକ୍ରମଣ ଲଗାତାର ଭାବେ ହୋଇ ଆସୁଛି । ହିନ୍ଦୁ ମାନଙ୍କ ମନ୍ଦିର ଭଙ୍ଗା ଠାରୁ ଆରମ୍ଭ କରି ଘର ଜାଳି ଦେବା ପର୍ଯ୍ୟନ୍ତ ଘଟଣା ମାନ ଘଟୁଛି। ଖାଲେଦା ଜିଆ ଶାସନ କାଳରେ ସରକାରୀ କଳ ମଧ ଏହି ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ସହଯୋଗ କରିଥାଏ । ଅର୍ଥାତ ଏହି କୃତ୍ୟକୁ କରୁଥିବା ଲୋକ ମାନଙ୍କ ଉପରେ ସରକାରୀ ପ୍ରଶାସନ କୌଣସି ରୋକ ଲଗାଇ ନ ଥାଏ ବା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥାଏ । ଶେଖ ହାସିନାଙ୍କ ଶାସନକାଳରେ ହିନ୍ଦୁ ମାନଙ୍କ ଉପରେ ଆକ୍ରମଣ ହୁଏ ନାହିଁ ଓ ସେମାନେ ସୁରକ୍ଷିତ ଥାଆନ୍ତି ସେପରି ନୁହେଁ । ହେଲେ ଶେଖ ହାସିନାଙ୍କ ଶାସନକାଳରେ ସରକାରୀ କଳ ହିନ୍ଦୁ ମାନଙ୍କ ଉପରେ ଅତ୍ୟାଚାର କରି ନଥାଏ । ଇସଲାମୀ କଟ୍ଟରପନ୍ଥୀ ମାନଙ୍କ ଦ୍ୱାରା ଆକ୍ରମଣ ହେଲେ ସେମାନଙ୍କ ବିରୁଦ୍ଧରେ ସରକାରୀ କଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ଏହା ହିଁ ହେଉଛି ପ୍ରଭେଦ ।

ବର୍ତମାନ ପାଇଁ ଭାରତ ଓ ହିନ୍ଦୁ ମାନଙ୍କ ପାଇଁ ନିର୍ବାଚନ ଫଳାଫଳ ନିଶ୍ଚିତ ଭାବେ ଭଲ । ହେଲେ ଆଗାମୀ ଦିନରେ ସେହିଭଳି ସ୍ଥିତି ରହିବ ନାହିଁ । ଆଗାମୀ ଦିନରେ ବଙ୍ଗଳାଦେଶରେ ହିଂସା ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଜମାତ ଓ ତାର ସଂଗଠନ ମାନେ ଶେଖ ହାସିନା ସରକାରରେ ଆସିବା ପରେ ଚୁପ ହୋଇ ବସି ରହିବେ ନାହିଁ । ସେମାନେ ସ୍ଥାନୀୟ ହିନ୍ଦୁ ମାନଙ୍କ ଉପରେ ହିଂସା କରାଇବାକୁ ଚେଷ୍ଟା କରିବେ ।

ସେହିପରି ଆମେରିକା ମଧ ଚୁପ ହୋଇ ବସିବ ନାହିଁ । ଜମାତ ଓ ଅନ୍ୟ ଇସଲାମୀ ସଂଗଠନ ମାନଙ୍କର ଆମେରିକାର ରାଜନୀତି ଉପରେ ପ୍ରଭାବ ଓ ନିୟନ୍ତ୍ରଣ ରହିଥିବା କାରଣରୁ ଆଗାମୀ ଦିନରେ ବଙ୍ଗଳାଦେଶରେ କଲର ରିଭଲ୍ୟୁସନ ଦେଖିବାକୁ ମିଳିପାରେ । କଲର ରିଭଲ୍ୟୁସନ ଜରିଆରେ ବିଦେଶୀ ଶକ୍ତି ମାନେ କୌଣସି ଦେଶରେ ଗଣତାନ୍ତ୍ରିକ ଉପରେ ନିର୍ବାଚିତ ହୋଇଥିବା ସରକାର ବିରୁଦ୍ଧରେ ଗଣତାନ୍ତ୍ରିକ ଉପାୟରେ ଜନ ଆନ୍ଦୋଳନ କରି ତାକୁ କ୍ଷମତାରୁ ହଟାଇ ଥାଆନ୍ତି । ପାଶ୍ଚାତ୍ୟ ଦେଶ ମାନଙ୍କ ଦ୍ୱାରା ଅନେକ ଦେଶରେ କଲର ରିଭଲ୍ୟୁସନ କରାଇବାର ଉଦାହରଣ ରହିଛି । ବଙ୍ଗଳାଦେଶରେ ମଧ ଆଗାମୀ ଦିନରେ ଏଭଳି ଚିତ୍ର ଦେଖିବାକୁ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଭାରତକୁ ଏହାକୁ ନେଇ ସାବଧାନ ରହିବାର ଆବଶ୍ୟକତା ରହିଛି । ସେହିପରି ବଙ୍ଗଳାଦେଶରେ କଟ୍ଟରପନ୍ଥୀ ଇସଲାମିଷ୍ଟ ମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଓ ରେଡିକାଲାଇଜେସନ ଉପରେ ରୋକ ଲଗାଇବା ଉପରେ ମଧ ଭାରତ ବଙ୍ଗଳାଦେଶ ସରକାର ଉପରେ ଚାପ ପ୍ରୟୋଗ କରିବା ଉଚିତ ହେବ । ସେଠାରେ ରହୁଥିବା ପାଖା ପାଖି ଦେଢ କୋଟି ହିନ୍ଦୁଙ୍କ ସୁରକ୍ଷା ପାଇଁ ମଧ ଭାରତ ସରକାର ଚିନ୍ତା କରିବା ଆବଶ୍ୟକ ।

# ଶିଳ୍ପବିହୀନ କନ୍ଧମାଳ, ଦାଦନମୁହାଁ ଯୁବପିଢ଼ି

**॥ ବିଚିତ୍ରାନନ୍ଦ ଆଚାର୍ଯ୍ୟ ॥**

ସର୍ବଭାରତୀୟସ୍ତରରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ନାଁ କରୁଛି। ସରକାରୀ ଭାବେ ଅନେକ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ସଙ୍ଗଠନର ପ୍ରତିନିଧି, ସରକାରୀ ପ୍ରତିନିଧି, ବିଦେଶ ଭ୍ରମଣରେ ଯାଉଛନ୍ତି। ରାଜ୍ୟରୁ ଦାଦନର ଛାପ ଲିଭିବ ଏବଂ ଓଡ଼ିଶା ଏକ ଶିଳ୍ପ ଓ କୃଷି ଅଗ୍ରଗଣ୍ୟ ରାଜ୍ୟ ଭାବେ ବିକାଶରେ ଆହୁରି ଦଉଡିବ କିନ୍ତୁ ବାସ୍ତବ ସତ୍ୟ ସମ୍ପୂର୍ଣ୍ଣ ଅଲଗା। କନ୍ଧମାଳ ଏକ ଶିଳ୍ପବିହୀନ ଜିଲ୍ଲା। ଦିନକୁ ଦିନ ଜିଲ୍ଲାରେ ଶିକ୍ଷିତ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ରୋଜଗାର ପାଇଁ ସେଭଳି କିଛି ବ୍ୟବସ୍ଥା ନଥିବାରୁ ବାଧ ହୋଇ ଜିଲ୍ଲାର ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଯୁବକ ଓ ଯୁବତୀ ଦାଦନ ମୁହାଁ ହେଉଛନ୍ତି। ଗତ ୨ ବର୍ଷ ତଳେ କରୋନା ସମୟରେ ସମଗ୍ର ଦେଶରେ କଟକଣା କାରଣରୁ ଜିଲ୍ଲାକୁ ଯେତିକି ମାତ୍ରାରେ ପ୍ରବାସୀମାନେ ଫେରିଥିଲେ ତାହା ଥିଲା କନ୍ଧମାଳ ଜିଲ୍ଲା ପାଇଁ ଏକ ବଡ଼ ଉଦାହରଣ। ଆଜି ପର୍ଯ୍ୟନ୍ତ ଜିଲ୍ଲାରୁ କେତେ ଜଣ ଦାଦନ ଖଟିବାକୁ ଯାଇଛନ୍ତି ଓ କେଉଁ ଜିଲ୍ଲାରେ କେତେଜଣ ଅଛନ୍ତି ସେ ସମ୍ପର୍କରେ ଶ୍ରମ ବିଭାଗ ପାଖରେ କୌଣସି ସୂଚନା ନାହିଁ। ଜିଲ୍ଲାରେ ଜଣେ ମଧ ଲାଇସେନ୍ସପ୍ରାପ୍ତ ଶ୍ରମିକ ଠିକାଦାର ନାହାନ୍ତି। ଫଳରେ ଜିଲ୍ଲାର ବହୁ ଯୁବକ ଓ ଯୁବତୀ ନିଜ ଇଚ୍ଛାରେ କିଛି ରୋଜଗାର ଆଶାରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କିଏ ଫେରୁଛନ୍ତି ତ ପୁଣି କାହାର ଶବଫେରୁଛି। କେବଳ ସେତିକି ନୁହେଁ ଅନେକ ନିର୍ଯାତନାର ଶିକାର ହୋଇ ଫେରୁଛନ୍ତି। କେବଳ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତିର ରାହା ଦେଖାଇ ଗାଁ ଗାଁରେ ଅନୁଦାନ ଯୋଗାଇ ଦିଆଯାଉଥିଲେ ମଧ ଏହି କର୍ମ ନିଯୁକ୍ତିରେ ଶିକ୍ଷିତଙ୍କୁ ଫାଇଦା ହେଉନି। ଏଭଳି ସ୍ଥଳେ ଜିଲ୍ଲାରେ ଶିଳ୍ପ ବିକାଶ ନେଇ ମଧ ସେଭଳି କିଛି ପଦକ୍ଷେପ ନିଆଯାଉନାହିଁ।

କନ୍ଧମାଳ ଜିଲ୍ଲାବାସୀଙ୍କ ପାଇଁ ନାଁ ଅଛି ଶିଳ୍ପ, ନା ଉଦ୍ୟୋଗୀଙ୍କ ପାଇଁ ଅଛି ଭିତ୍ତିଭୂମି ଅବା ସରକାରୀ ଅନୁକମ୍ପା। ଜିଲ୍ଲାର ଫୁଲବାଣୀ ସଦରମହକୁମାସ୍ଥିତ ଶ୍ରୀରାମ ମନ୍ଦିର ଶିଳ୍ପାଞ୍ଚଳରେ ରହିଛି କିଛି କ୍ଷୁଦ୍ର ଉଦ୍ୟୋଗ। ଯାହା କେବଳ କାଗଜକଲମରେ ହିଁ ସୀମିତ। କୌଣସି ଉଦ୍ୟୋଗ ଠିକ ଭାବେ କାର୍ଯ୍ୟକାରୀ ଅବସ୍ଥାରେ ନାହିଁ। ଏଥିରେ ପ୍ରମୁଖ ପ୍ରତିବନ୍ଧକ ସାଜିଛି ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେସନ। ୧୯୮୧ରୁ ଇଡ଼କୋ ଆବଣ୍ଟନ କରିଥିବା ଜାଗାର ପଟ୍ଟା ଆଜି ପର୍ଯ୍ୟନ୍ତ ଉଦ୍ୟୋଗୀଙ୍କୁ ମିଳିନାହିଁ। ଫଳରେ ସେମାନଙ୍କୁ କୌଣସି ବ୍ୟାଙ୍କ ଋଣ ଦେଉ ନଥିବାରୁ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରୁନି କି ଆଗେଇ ପାରୁନି। କିଛି ଶିଳ୍ପ ପ୍ଲଟରେ ଉଦ୍ୟୋଗ ନହୋଇ ବହୁମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରାଯାଇଛି। ଯେଉଁ କେତେକ ଶିଳ୍ପ କାଁ ଭାଁ ଚାଲିଥିଲା ତାହା ଏବେ ବନ୍ଦ ପଡ଼ିଛି। ସୂଚନା ପ୍ରକାରେ, ୧୯୮୧ ମସିହାରେ ଇଡ଼କୋ ୧୦ ଏକର ଜମି ଅଧିଗ୍ରହଣ କରିଥିଲା। ଏହାପରେ ଉଦ୍ୟୋଗୀଙ୍କୁ ଜମି ଆବଣ୍ଟନ କରିଥିଲା। ପର୍ଯ୍ୟାୟକ୍ରମେ ଆଜି ପର୍ଯ୍ୟନ୍ତ ୨୩ ଜଣଙ୍କୁ ଉଦ୍ୟୋଗ ଲାଗି ଜମି ପ୍ରଦାନ କରାଯାଇଛି। ଇତିମଧ୍ୟରେ ୪୨ ବର୍ଷ ବିତି ଯାଇଥିଲେ ହେଁ ଜମିର ପଟ୍ଟା ଇଡ଼କୋ ପ୍ରଦାନ କରିପାରିନାହିଁ। ହାତ ଗଣତି କେବଳ ୪ଜଣଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିଛି। ଇଡ଼କୋ ତଥ୍ୟ ଅନୁସାରେ ୧୩ ଉଦ୍ୟୋଗ ବର୍ତ୍ତମାନ ଚାଲୁଛି। ୫ଟି ବନ୍ଦ ହୋଇଛି ଏବଂ ଆଉ ୫ଟି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ଏହା ସମ୍ପୂର୍ଣ୍ଣ ଅଲଗା। ନା ଛୋଟ ନା ବଡ଼ ଗୋଟିଏ ବି ଶିଳ୍ପ ମଧ କାର୍ଯ୍ୟକ୍ଷମ ନାହିଁ। ଯେଉଁ ୧୩ ଶିଳ୍ପ ଚାଲିଥିବା ବିଭାଗ କହୁଛି ସେଥିମଧ୍ୟରୁ ସବୁ ଶିଳ୍ପ ପ୍ରାୟ ବନ୍ଦ ହୋଇପଡ଼ିଛି। ଅର୍ଥାଭାବରୁ ସେମାନେ ଉଦ୍ୟୋଗକୁ ଆଗକୁ ନେଇ ପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଆଉ କିଛି ଉଦ୍ୟୋଗୀ ନିଜ ସଂସ୍ଥା ନକରି ଭଡ଼ା ସୂତ୍ରରେ ଦେଇ ଅର୍ଥ ରୋଜଗାର କରୁଛନ୍ତି। ହେଲେ ଏହାର ପରିଚାଳକ ଦିନେ ମଧ ସେହି ଅଞ୍ଚଳକୁ ବୁଲିବାକୁ ଯାଇନଥିବା ଜଣାପଡ଼ିଛି। ତଦାରଖ ଦୂରର କଥା ବର୍ତ୍ତମାନ ସେଠାରେ ସ୍ଥିତି କିଭଳି ଅଛି ସେ ନେଇ ମଧ କାହାରି ପାଖରେ କିଛି ସୂଚନା ନାହିଁ। ନିୟମ ଅନୁସାରେ ଯଦି କେହି ଉଦ୍ୟୋଗ କରିବାକୁ ନ ଚାହିଁବେ, ସେ ଜାଗା ଛାଡ଼ିବା କଥା। ଯଦି ବି ଭଡ଼ା ସୂତ୍ରରେ ଦିଆଯିବ ତାହା ବି ଇଡ଼କୋ ଜାଣତରେ ହେବା କଥା, କିନ୍ତୁ ଇଡ଼କୋ ପାଖରେ କୌଣସି ପ୍ରକାର ସୂଚନା ନାହିଁ। ଉଦ୍ୟୋଗ କରିବା ପାଇଁ ଇଡ଼କୋ ପାଖରୁ ଜାଗା ଲିଜ ସୂତ୍ରରେ ନେଇଛୁ। ଜାଗାର ମୂଲ୍ୟ ଅନୁସାରେ ନିର୍ଦ୍ଧାରିତ ଅର୍ଥ ଇଡ଼କୋରେ ମଧ ପଇଠ କରିଛି। ହେଲେ ଆଜି ପର୍ଯ୍ୟନ୍ତ ଆମକୁ ପଟ୍ଟା ମିଳୁନାହିଁ। କୌଣସି ବ୍ୟାଙ୍କ ଆମକୁ ଋଣ ଦେଉନାହାନ୍ତି ବୋଲି କହିଛନ୍ତି ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ। ବାଧ ହୋଇ ଖାଲି ଜାଗାକୁ ଆଦରି ପଡ଼ି ରହିଛୁ। ଜିଲ୍ଲାରେ ଭରି ରହିଛି ମଧ ଅନେକ ପ୍ରାକୃତିକ ସମ୍ପଦ। କିନ୍ତୁ ସବୁ ସ୍ଥାନରେ ଜଙ୍ଗଲ କାରଣରୁ ଉକ୍ତ ପ୍ରାକୃତିକ ସମ୍ପଦ ମଧ କୌଣସି କାମରେ ଆସିପାରୁନି। ଏପରିକି ଜିଲ୍ଲାରେ କୌଣସି ବଡ଼ ଶିଳ୍ପ ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କୁ ନିଯୁକ୍ତିଦେବା ପାଇଁ ସେଭଳି କିଛି ପଦକ୍ଷେପ କିମ୍ବା କୌଣସି ସଭା ସମିତିରେ ସେଭଳି କିଛି ଦାବି ମଧ କରାଯାଉନାହିଁ। ସେହିପରି କନ୍ଧମାଳ ଏବେ ଗଞ୍ଜେଇ ଚାଷ ପାଇଁ ବେଶ କୁଖ୍ୟାତ ହେଲାଣି। ଯାହାଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସଙ୍କଟାପନ୍ନ ହେଉଛି ଓ ଶିଳ୍ପ ପର୍ଯ୍ୟଟନ ମଧ ବାଧାପ୍ରାପ୍ତ ହେଉଛି। ଯୁବ ବର୍ଗ ସେପରି କର୍ମ ସଂସ୍ଥାନ ପାଉନାହାଁନ୍ତି। ଧନ୍ଦାମୂଳକ ଶିକ୍ଷାର ପ୍ରସାର ଓ ପ୍ରଚାର ହୋଇପାରୁନାହିଁ ଯାହାଫଳରେ ଅନେକ ପ୍ରତିଭାବାନ ଯୁବ ବର୍ଗମାନେ ରୋଜଗାରକ୍ଷମ ହୋଇପାରୁନାହାଁନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଓଡ଼ିଶା କୁଆଡ଼େ ଏକ ବିଜୁଳି ବଳକା ରାଜ୍ୟ କିନ୍ତୁ ବିଡ଼ମ୍ବନା ହେଉଛି ଏହା କନ୍ଧମାଳରେ ଏବେ ବି ସାରା ଦିନ ଲୋଭୋଲଟେଜ ସମସ୍ୟା ରହୁଛି। ସ୍ୱାସ୍ଥ୍ୟ କଥା ତ କହିଲେ ନସରେ ଯେଉଁ ତିମିର କୁ ସେଇ ତିମିର। ବନ୍ୟଜାତ ଦ୍ରବ୍ୟର ସୁପରିଚାଳନା ହୋଇପାରୁନଥିବାରୁ ଲୋକମାନଙ୍କ ଜୀବନ ଜୀବିକାରେ ଆଖିଦୃଶିଆ ଉନ୍ନତି ହୋଇପାରୁନାହିଁ। ସବୁଠି ଦଲାଲମାନଙ୍କ ପାର୍ଦୁଭାବ ପାଇଁ ଉଭୟ ଖାଉଟି ଓ କ୍ଷୁଦ୍ର ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଯେହେତୁ ଏହି ଅଞ୍ଚଳଟି ପାହାଡ଼ ଓ ଜଙ୍ଗଲ ଅଧୁଷିତ ଏହା ମିଲେଟ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ମଧ ସୁଫଳ ଏହି ଜିଲ୍ଲାବାସୀ ପାଇପାରୁନାହାଁନ୍ତି। ଜିଲ୍ଲାରେ ଅନେକ ପ୍ରାକୃତିକ ବିଭବଭରା ଦର୍ଶନୀୟ ସ୍ଥଳୀ ରହିଥିଲେ ମଧ ଏହା ଲୋକଲୋଚନରେ ଉହାଡ଼ରେ ରହିଯାଉଥିବାରୁ ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ହେଉଛି ଏବଂ ସର୍ବୋପରି ସ୍ଥାନୀୟ ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇପାରୁନାହାଁନ୍ତି। ଗମନାଗମନ ମଧ ଏକ ବାଧକ ହେଉଛି ରୋଜଗାର ପରିପନ୍ଥାରେ।

'ବିଭବ' ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୭୦୦୮୭୫୨୩୧୭

# ମାନବିକତା ହିଁ ପରମ ଧର୍ମ

**॥ ମୌଲାନା ଫଜଲ ହକ ଖାଁ ॥**

ଦୁନିଆର ବିଭିନ୍ନ ପ୍ରାନ୍ତରେ ଅନେକ ମେଳା ମହୋତ୍ସବ ଓ ସମାରୋହ ଆୟୋଜିତ ହେଉଛି । ଯେଉଁଥିରେ ଅନେକ ନେତା ବକ୍ତା ଓ ଶ୍ରୋତା ଉପସ୍ଥିତ ହେଉଛନ୍ତି । କେତେକ ସ୍ଥାନରେ ଏହା କେବଳ ଉଗ୍ର ଜାତିଆଣ ମନୋଭାବକୁ ଉଜାଗର କରିବାର ମାଧ୍ୟମ ହେଉଛି ତ ଅନ୍ୟ କେଉଁଠି ଏହାଦ୍ୱାରା କେତେକ ବ୍ୟକ୍ତି ବିଶେଷ ଅଜ୍ଞ ଜନତାଙ୍କୁ ପ୍ରତାରଣା ପୂର୍ଣ୍ଣ ଆଶ୍ୱାସନା ଦେଇ ରାଜ ନୈତିକ ଫାଇଦା ହାସଲ କରିବାରେ ସମର୍ଥ ହେଉଛନ୍ତି ଏବଂ କେତେକ ସ୍ଥାନରେ ଏହାର ଆୟୋଜନ ସରକାର ତଥା ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିବାର କାରଣ ହୋଇଥାଏ ।

କିନ୍ତୁ ଅହମଦୀୟା ସମ୍ପ୍ରଦାୟର ବାର୍ଷିକ ସମ୍ମିଳନୀରେ କୌଣସି ରାଜନୈତିକ ଆଳାପ ହୁଏ ନାହିଁ କିମ୍ବା କୌଣସି ବିଦ୍ରୋହାତ୍ମକ ମତ ପୋଷଣ କରାଯାଏ ନାହିଁ । ଅନେକ ହିନ୍ଦୁ, ମୁସଲମାନ, ଶିଖ ତଥା ଖ୍ରୀଷ୍ଟ ଧର୍ମାବଲମ୍ବୀ ଏଥିରେ ଯୋଗଦେଇ ଧର୍ମ ଚର୍ଚ୍ଚା ଶୁଣିଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବିଦ୍ୱାନ ନିଜର ବକ୍ତବ୍ୟ ମଧ ପ୍ରଦାନ କରନ୍ତି । ଯଦ୍ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା ନିମନ୍ତେ ଏହା ପ୍ରାଣେ ପ୍ରାଣେ ଉତ୍ସାହଭରି ଦେଉଥାଏ । ଉକ୍ତ ସର୍ବଧର୍ମ ସମ୍ମିଳନୀ ଦ୍ୱାରା ଭ୍ରାତୃଭାବର ମନୋରମ ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶ୍ୱଶାନ୍ତି ସ୍ଥାପନା ସହିତ ଧର୍ମ ଓ ମାନବିକତାକୁ ମିଶ୍ରିତ କରାଇ ଏକ ନୂତନ ମୁକ୍ତିପଥ ପ୍ରଦର୍ଶିତ କରାଯାଇଥାଏ ।

ଅହମଦୀୟା ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ୍ (୧୮୩୫-୧୯୦୮)ପ୍ରତ୍ୟେକ ଧର୍ମଗ୍ରନ୍ଥ ମଧ୍ୟରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଏ ଯୁଗରେ ସ୍ୱୟଂକୁ ହିନ୍ଦୁ ଭ୍ରାତାଙ୍କ ନିମନ୍ତେ କଲ୍କୀ ଅବତାର, ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ମସିହ ତଥା ମୁସଲମାନମାନଙ୍କ ପାଇଁ ଇମାମ ମେହେଦୀ ହେବାର ଦାବୀ କରିଛନ୍ତି । ସେହି ମହାନ ମହାପୁରୁଷଙ୍କ ଦ୍ୱାରା ହିଁ ଆଜି ବିଶ୍ୱ ଶାନ୍ତି ସମ୍ଭବ । ତେଣୁ ତାହାଙ୍କ ଶରଣ ବିନା ଦୁନିଆରୁ ଅଶାନ୍ତି ଓ ଅରାଜକତା ଲୁପ୍ତ ହେବା ଅସମ୍ଭବ । ସେ ହେଉଛନ୍ତି ଏ ଯୁଗରେ ଶାନ୍ତି,ମୈତ୍ରୀ ଓ ପ୍ରିତିର ଅବତାର । ପରସ୍ପରର ଧର୍ମ ବିବାଦକୁ ପ୍ରତ୍ୟାହାର କରି ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ସେ ଅନେକ ସୁନ୍ଦର ସିଦ୍ଧାନ୍ତ ବିଶ୍ୱବାସୀଙ୍କୁ ପ୍ରଦାନ କରିଛନ୍ତି ।

ସେ କୁହନ୍ତି; 'ଏହା ଅତ୍ୟନ୍ତ ସୁନ୍ଦର, ଶାନ୍ତିପ୍ରଦ ଓ ପାରସ୍ପରିକ ସଦ୍‌ଭାବର ଭିତି ସ୍ଥାପନକାରୀ ତଥା ନୈତିକ ଚିନ୍ତା ଧାରର ସମର୍ଥନକାରୀ ସିଦ୍ଧାନ୍ତ ଯେ ଆମେ ଉକ୍ତ ସମସ୍ତ ଅବତାରଙ୍କୁ ଯେଉଁମାନେ ଏହି ସଂସାର ଭିତରେ ଆବିର୍ଭୁତ ହୋଇଛନ୍ତି, ସେ ଭାରତ ବର୍ଷରେ ପ୍ରକଟ ହୋଇଥାନ୍ତୁ ବା ପାରସ୍ୟ ଅଥବା ଚୀନ କିମ୍ବା ଅନ୍ୟ କୌଣସି ଦେଶ ମଧ୍ୟରେ ଆବିର୍ଭାବ ହୋଇଥାନ୍ତି ଏବଂ ଅଲ୍ଲାଃତାଲା ତାହାଙ୍କ ସମ୍ମାନ ଓ ତାଙ୍କ ପ୍ରବର୍ତିତ ଧର୍ମର ଶ୍ରଦ୍ଧା କୋଟି କୋଟି ହୃଦୟରେ ପ୍ରତିଷ୍ଠା କରି ଦେଇଥାନ୍ତି, ତଥା ଶତାଧିକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଧର୍ମ ଦୁନିଆରେ ପ୍ରଚଳିତ ହୋଇଥାଉ । ସେମାନଙ୍କ ସତ୍ୟତା ସ୍ୱୀକାର କରିନେବା ହିଁ ଉକ୍ତ ସିଦ୍ଧାନ୍ତ, ଯାହା ଆମକୁ ପବିତ୍ର କରୁଆନ ଶିକ୍ଷା ଦେଉଛି । ତଦ୍‌ନୁଯାୟୀ ଆମେ ପ୍ରତ୍ୟେକ ଧର୍ମ ପ୍ରବର୍ତକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ । ସେ ହିନ୍ଦୁ ଧର୍ମଗୁରୁ ହୋଇଥାନ୍ତୁ ବା ପାର୍ସି, ଚୀନି ଅଥବା ୟହୁଦୀ ଅବା ଖ୍ରୀଷ୍ଟ ଧର୍ମ ପ୍ରବର୍ତକ ହୋଇଥାନ୍ତୁ , ସମସ୍ତଙ୍କୁ ଭକ୍ତିପୁତ ଶ୍ରଦ୍ଧା ଓ ଗମ୍ଭୀର ସମ୍ମାନ ଜଣାଇ ଥାଉଁ ।'

ଯଦି ଅହମଦଙ୍କ ଉପର ସିଦ୍ଧାନ୍ତ ସମଗ୍ର ଭାରତବାସୀ ତଥା ସାରା ବିଶ୍ୱବାସୀ ନିଜ ସିଦ୍ଧାନ୍ତ ରୂପେ ଗ୍ରହଣ କରିନିଅନ୍ତି, ତେବେ ଆଜିର ଅଶାନ୍ତ ମାନବ ଶାନ୍ତି, ମୈତ୍ରୀ ପୂର୍ଣ୍ଣ ଏକ ନୂଆ ସଂସାର ଗଢ଼ି ତୋଳନ୍ତା । ଅତଏବ ଉକ୍ତ ମହାପୁରୁଷଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ପ୍ରତ୍ୟେକ ଭାରତୀୟ ଯୋଗ ଦେଇ ପୁନରାୟ ଏକ ନୂତନ ଶାନ୍ତିମୟ ଭାରତ ବର୍ଷ ଗଢ଼ିବା ଆବଶ୍ୟକ ।

ଚଳିତ ବର୍ଷ ୫୬ତମ ବାର୍ଷିକ ସର୍ବଧର୍ମ ଶାନ୍ତି ସମ୍ମିଳନୀ,କେରଙ୍ଗ ମେ ୧୩-୧୪ ତାରିଖ (ଶନିବାର ଓ ରବିବାର ) କେରଙ୍ଗ ଇଦ୍‌ଗାଃ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଅଛି। ଉକ୍ତ ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ମୌଲାନା,ଧର୍ମବିତ,ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଂଶ ଗ୍ରହଣ କରି ସର୍ବ ଶକ୍ତିମାନ ଅଲ୍ଲାଃଙ୍କ ଅସ୍ତିତ୍ୱ,ମାନବ ଜନ୍ମର ମୁଖ୍ୟ ଉଦ୍ଦେଶ୍ୟ,ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଧର୍ମର ଭୂମିକା,ଇସଲାମ ଏକ ଶାନ୍ତିପୂର୍ଣ୍ଣ ଧର୍ମ, ଜେହାଦର ବାସ୍ତବିକତା,ନାରୀର ସୁରକ୍ଷା ଓ ସମ୍ମାନ,ସୁଖ ବୈବାହିକ ଜୀବନର ବାସ୍ତବିକତା,ଇସଲାମିକ ପରଦା,ସମାଜ ସୁଧାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟ ବିଶ୍ୱକୁ କ'ଣ ଦେଲା ? କାହିଁକି ଏ ବିପ୍ରାପ୍ତ ? ସମ୍ପର୍କରେ ତାତ୍ତ୍ୱିକ ଉଦ୍‌ବୋଧନ ଦେବେ। ଏହି ସମ୍ମିଳନୀରେ ଯୋଗ ଦେଉଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ: ପ୍ରାର୍ଥନା କରି କୁହନ୍ତି; 'ସର୍ବଶେଷରେ ମୁଁ ଦୁଆ କରୁଛି ଯେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପାଳିତ ଏହି ସମ୍ମିଳନୀ ନିମନ୍ତେ ଯାତ୍ରା କରନ୍ତି, ଅଲ୍ଲାଃ ସେମାନଙ୍କ ସହାୟ ହୁଅନ୍ତୁ ଏବଂ ସେମାନଙ୍କୁ ଅତୁଳନୀୟ ବଦଳା ଦିଅନ୍ତୁ ଓ ସେମାନଙ୍କ ଉପରେ ନିଜର ଅନୁକମ୍ପା ବୃଷ୍ଟି କରନ୍ତୁ ଏବଂ ସେମାନଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ କରନ୍ତୁ । ଅଲ୍ଲାଃ ଏହି ଯାତ୍ରାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କର ଯତ୍ନବାନ ହୁଅନ୍ତୁ।'

ମଙ୍ଗଳାବାଗ,କଟକ ମୋ:୯୬୯୨୨୨୫୦୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଆଡଭାନସ ଟିଉଟୋରିଆଲର ରୌପ୍ୟ ଜୟନ୍ତୀ ପାଳିତ

ଗଣିଆ, ୦୭/୧୨( ମହାଭାରତ): ଗଣିଆ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଡଭାନସ୍ ଟିୟୁଟୋରିଆଲର ରୌପ୍ୟ ଜୟନ୍ତୀ ରବିବାର ଗଣିଆ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଜୀବନଚର୍ଯ୍ୟା ଭବିଷ୍ୟତ ଗଢ଼ିବା ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି ଉପସ୍ଥିତ ଅତିଥମାନେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ସଭାପତି ବିଷ୍ଣୁ ପ୍ରାସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ରବିନ୍ଦ୍ର ନାଥ ରାଉତରାୟ, ମୁଖ୍ୟ ବକ୍ତା ଭାବେ +୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ରଘୁନାଥ ଜୀଉ ସ୍ନାତକ ମହାବିଦ୍ୟାୟ ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଅଖିଳ କୁମାର ହୋତା, ଗଣିଆ ଥାନା ଏ ଏସ ଆଇ ଶାହା ଆଲମ୍ ଖାନ୍, ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ବିଜୟ କୁମାର ସାହୁ, ଗଣିଆ ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ସାହୁ,ପରିଚାଳକ ବିଶ୍ୱ ରଞ୍ଜନ ସେଠି ପ୍ରମୁଖ ମଞ୍ଚାସିନ ଥିଲେ । ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ତର୍କ, ସଙ୍ଗୀତ,ନୃତ୍ୟ, ସାଧାରଣଜ୍ଞାନ ପରି ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା । ଏହି ଅବସରରେ କୃତି ଛାତ୍ର ଛାତ୍ରୀ, ସହଯୋଗୀ ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକା, ସାମ୍ବାଦିକମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପୁରାତନ ଛାତ୍ରଛାତ୍ରୀ ଙ୍କ ବନ୍ଧୁ ମିଳନ ଉତ୍ସବ ଓ ରକ୍ତଦାନ ଶିବିର

ଦାନଗଦୀ, (ମହାଭାରତ): ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ର ମାନଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରାକ୍ତନ ଛାତ୍ର ଛାତ୍ରୀ ସଂସଦ ମାନଙ୍କ ଦ୍ୱାରା ଏକ ବନ୍ଧୁମିଳନ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୯୮୯ ମସିହାରେ ବହୁ ଘାତ ପ୍ରତିଘାତ ଦେଇ ମାନଗୋବିନ୍ଦ ପୁର ଉଚ୍ଚ ବିଦ୍ୟାଳୟ ଟି ଗଢି ଉଠିଥିଲା,୧୯୯୧ ମସିହାରେ ପ୍ରଥମେ ମାଟ୍ରିକ ପରୀକ୍ଷା ଏହି ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଦେଇଥିଲେ। ୩୪ ବର୍ଷ ର ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ଛାତ୍ରୀ ମାନେ ଏକତ୍ରିତ ହୋଇ ଏକ ରକ୍ତଦାନ ଶିବିର କରିବା ସହ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା, ଅବସର ପ୍ରାପ୍ତ ଶିକ୍ଷକ,ପ୍ରାକ୍ତନ ଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ରକ୍ତଦାନ ଶିବିର ରେ ଓଡିଶା ବ୍ଲଡ଼ବ୍ୟାଙ୍କ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ୭୨ ୟୁନିଟ ରକ୍ତସଂଗ୍ରହ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଭୂୟାଁ ଙ୍କ ସଭାପତିତ୍ୱ ରେ ହୋଇଥିବା ବେଳେ, କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାଧାନ ରେ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ଉଦଘାଟନ କରିଥିବା ବେଳେ, ଦାନଗଦୀ ବି. ଡି. ଓ ପ୍ରଦୀପ କୁମାର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ର ଯାହା ସମସ୍ୟା ଅଛି ତାକୁ ଧୀରେ ଧୀରେ ଦୂର କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ଭୀମ ସେନ ଧଳ, ବିଜୟ କୁମାର ସାହୁ, ଜନାର୍ଦ୍ଦନ ସାହୁ, ଅଜୟ କୁମାର ଓଝା,ହରେକୃଷ୍ଣ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର,ଅଟଳ ବିହାରୀ ବେହେରା, ଲଳିତ କୁମାର ବେହେରା,ପଦ୍ମଲୋଚନ ନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ବିଦ୍ୟାଳୟ ପ୍ରତିଷ୍ଠାତା ବ୍ରଜମୋହନ ସାହୁ, ଜୟକୃଷ୍ଣ ପୃଷ୍ଟି, ସ୍ୱର୍ଗତ ବ୍ରଜମୋହନ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାମଲ, ବସନ୍ତ କୁମାର ରଣା, ଗୟାଧର ସାହୁ,ପ୍ରମୁଖ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂମ୍ମାନିତ ଅତିଥି ଭାବେ ସରପଞ୍ଚ ମାନସ ରଣା, ବିଦ୍ୟାଳୟ ସଭାପତି ମଦନ ମୋହନ ସାହୁ,ସମିତି ସଭ୍ୟା ପ୍ରତିଭା ଭଞ୍ଜ, ସୁଧାଂଶୁ ଶେଖର ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ, ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ ଛାତ୍ର ଛାତ୍ରୀ ସଂସଦର ସଭାପତି ରଞ୍ଜିତ ପଟ୍ଟନାୟକ, ଶୈଳେନ୍ଦ୍ର ରଣା, ପ୍ରମୋଦ କୁମାର ପୃଷ୍ଟି, ପ୍ରମୋଦ କୁମାର ସାହୁ, ଶରତ ଚନ୍ଦ୍ର ସାହୁ, ରଞ୍ଜନ ମଲ୍ଲିକ, ଜିତେନ୍ଦ୍ର ପୃଷ୍ଟି, ଦୀପକ ବେହେରା, ତ୍ରିଲୋଚନ ପୃଷ୍ଟି, ପ୍ରକାଶ ରଣା, ଉମାକାନ୍ତ ମହାପାତ୍ର, ରାଜେନ୍ଦ୍ର ସାହୁ ପ୍ରମୁଖ ଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସରସ ସୁନ୍ଦର ହେବା ସହ ସୁଚାରୁ ରୂପେ ସମ୍ପନ ହୋଇଥିଲା, ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

## କେନ୍ଦୁଜିଆଣୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ସମାରୋହ

କରଞ୍ଜିଆ, (ମହାଭାରତ): ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡିଶା ଙ୍କ ଯୋଜନା ଅନୁସାରେ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଜିଆଣୀ ରେ ତା ୦୬ ଓ ୦୭ ରିଖ ଦିନ ବିଦ୍ୟାଳୟ ପ୍ରାଙ୍ଗଣ ରେ ୩୦ ତମ ବାର୍ଷିକ କ୍ରୀଡ଼ା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ ଦ୍ୱେତା ବାବା ଅଟଳେଶ୍ୱର ମହାଦେବ ଙ୍କ ଠାରୁ ମଶାଲ ଅଣାଯାଇ ବେଦ ମନ୍ତ୍ର ଦ୍ୱାରା ଘୋଷ ର ତାଳେ ତାଳେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବଡଗାଁ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶମ୍ଭୁନାଥ ମହାନ୍ତ ଦୀପ ପ୍ରଜ୍ଜଳନ କରି ଶିଶୁ ବିଭାଗ ର ୨୦୦ ମିଟର ଦୌଡ଼ ରୁ ବାର୍ଷିକ କ୍ରୀଡ଼ା ସମାରୋହ ର ଶୁଭ ଉଦ୍ ଘାଟନ କରିବା ସହିତ ' ଖେଳ ଦ୍ୱାରା ସୁସ୍ଥ ଶରୀର, ସୁସ୍ଥ ମନ ସହିତ ଉଜ୍ଜଳ ଭବିଷ୍ୟତ ଗଠନ ହେବ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସଂଜୟ କୁମାର ସାହୁ ଯୋଗ ଦେଇ କଠିନ ପରିଶ୍ରମ ରେ ଯେଉଁ ସଫଳତା ମିଳିଥାଏ ତାହା ଆଗକୁ ବଢ଼ିବାରେ ପଥ ପରିଷ୍କାର କରେ ବୋଲି ଶିଶୁ ମାନଙ୍କ ମଧ୍ୟରେ ପ୍ରେରଣା ଦାୟକ ବକ୍ତବ୍ୟ ରଖିଥିଲେ । ମଞ୍ଚ ରେ ଉପସ୍ଥିତି ଅତିଥି ମାନଙ୍କ ର ପରିଚୟ ତଥା ସ୍ୱାଗତ ଭାଷଣ ରଖି ଥିଲେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ ବିଦ୍ୟାଳୟର ଆଚାର୍ଯ୍ୟ କରୁଣାକର ମହାନ୍ତ ଉଦ୍ଘାଟନୀ ଉତ୍ସବ ରେ ଶିଶୁ, ବାଲ ଓ କିଶୋର (୩ଟି)ବିଭାଗରେ ପ୍ରାୟ ୩୧୬ ଜଣ ଶିଶୁ ଭାଇ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ କ୍ଷ ପ୍ରଥମ ଦିନରେ ପ୍ରାୟ ଶତକଡା ୮୦ ଭାଗ ଖେଳ ସମାପ୍ତ ହୋଇଥିଲା। ସେଥି ମଧ୍ୟରୁ ଶିଶୁ,ବାଲ୍ ଓ କିଶୋର ବର୍ଗ ରେ ମୋଟ୍ ୩୦ ଗୋଟି ଖେଳ ଅନୁଷ୍ଠିତ ହେଇଥିଲା ସମାରୋପ ଉତ୍ସବ ରେ ବେଦ ମନ୍ତ୍ର ତଥା ଘୋଷ ର ତାଳେ ତାଳେ ଅତିଥି ମାନଙ୍କୁ ମଞ୍ଚ କୁ ପାଛୋଟି ନେଇଥିଲେ।ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଦୀପ ପ୍ରଜ୍ୱଳନ କରିଥିଲେ କୃଷ୍ଣ ଚନ୍ଦ୍ର ହାଁସଦା ସ୍ଥାନୀୟ ସରପଞ୍ଚ କ୍ଷ ଶିଶୁ ବିଦ୍ୟା ମନ୍ଦିର ରେ ଶିକ୍ଷା ଦିଆଯାଉଥିବା ଆଚାର ଭୂତ ବିଷୟର ଯୋଗ ଓ ଶାରୀରିକ ବିଷୟ ପ୍ରତି ଧ୍ୟାନ ଦେଇ ଉତ୍ତମ ନାଗରିକ ହେବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ।ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମହାନ୍ତ ନିଷ୍ଠା, ଧୈର୍ଯ୍ୟ ଓ ସାଧନା ବଳରେ ଶିକ୍ଷା ଏବଂ କ୍ରୀଡ଼ାର ବିକାଶ ରେ ଜଣେ ଅସାଧ୍ୟ ସାଧନ କରି ଶୀର୍ଷ ସୀମା ରେ ପହଞ୍ଚି ପାରିବା ସହ କେତେକ ପ୍ରେରଣା ଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଙ୍କ ଦ୍ୱାରା କିଶୋର ବର୍ଗର ୧୦୦ ମିଟର ଦୌଡ ଅନୁଷ୍ଠିତ ହେଇଥିଲା। ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ। ପ୍ରଥମ ସ୍ଥାନ ହାସଲ କରି ଥିବା ପ୍ରତିଭାଗି ମାନଙ୍କୁ ସଙ୍କୁଳ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ ।କିଶୋର ବିଭାଗ ର ଚାମ୍ପୀୟାନ( ଯୁଗ୍ମ ) ରାଜେଶ ମହାନ୍ତଓ ଶୁଭମ୍ କୁମାର ମହାନ୍ତ,ବାଲ ବିଭାଗ ରେ ପାର୍ଥ ସାରଥୀ ମହାନ୍ତ ଏବଂ ଶିଶୁ ବିଭାଗ ହାର୍ଦ୍ଦିକ ମୁଣ୍ଡା । ଧନ୍ୟବାଦ ପ୍ରଦାନ କରିଥିଲେ ପରିଚାଳନା ସମିତିର ସହ ସଂପାଦକ ସଂଜୟ କୁମାର ସାହୁ।

## କୋମାରେ ଆଳୁ ମିଶନ୍: ଚଢ଼ା ଦର ଯୋଗୁଁ ବିହନ ନେବାକୁ ଚାଷୀ ଅମଙ୍ଗ



ନୟାଗଡ଼, (ମହାଭାରତ) : ଆଳୁ ପ୍ରତ୍ୟେକ ପରିବାର ପାଇଁ ଏକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ହୋଇଥିବା ବେଳେ ବିଭିନ୍ନ ସମୟରେ ଓଡ଼ିଶାରେ ଆଳୁ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଆଳୁ ଚାଷ କରି ରାଜ୍ୟରୁ ଆଳୁ ସଂକଟ ଦୂର କରିବା ସହ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ 'ଆଳୁ ମିଶନ' ମାଧ୍ୟମରେ ଆଳୁ ବିହନ ଯୋଗାଇ ଦେଉଥିବା ବେଳେ ଏସବୁ ବିହନ ନେବାକୁ ଏବେ ଚାଷୀ ମୁହଁ ମୋଡୁଛନ୍ତି। ଆଳୁ ଚାଷ ପାଇଁ ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଉଛି। ହେଲେ ବଜାର ମୂଲ୍ୟଠାରୁ ଏହାର ମୂଲ୍ୟ ଅଧିକ ରହୁଥିବା ହେତୁ ଚାଷୀ ଏହାକୁ ନେବାକୁ ଅମଙ୍ଗ ହେଉଛନ୍ତି। ଏପଟେ ଏହି ଚାଷ ପାଇଁ କୌଣସି ସାର କିମ୍ବା ପିଡ଼ିଆ ଯୋଗାଣ ବ୍ୟବସ୍ଥା ନ ଥିବାରୁ ଅଧିକ ଦରରେ ଆଳୁ ବିହନ ନେବାକୁ ଚାଷୀ ମୁହଁ ଫେରାଉଛନ୍ତି। ଚଳିତ ବର୍ଷ ଖଣ୍ଡପଡ଼ା ବ୍ଲକ୍‌ରେ ୭୦ ହେକ୍ଟର ଆଳୁ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀ ଶୁଭେନ୍ଦୁ କୁମାର ପାଣିଗ୍ରାହୀ କହିଛନ୍ତି। ପ୍ରଥମ କିସ୍ତିରେ ଏବେ ବ୍ଲକ୍‌କୁ ୬୯୦ ବସ୍ତା ବା ୩୪୫ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଇ ଦିଆଯାଇଛି। ଏହି ବିହନ କେଜି ପ୍ରତି ୨୦ ଟଙ୍କା ରହିଥିବା ବେଳେ ଚାଷୀ ଏହାକୁ ନେଇ ଚାଷ କରିବା ପରେ କେଜି ପ୍ରତି ୫୦ ପ୍ରତିଶତ ବା ୧୦ ଟଙ୍କା ସବ୍‌ସିଡି ପାଇବାର ନିୟମ ରହିଛି। ଆସିଥିବା ବିହନ ମଧ୍ୟରୁ ବିଭିନ୍ନ ପଞ୍ଚାୟତର ଏକାଧିକ ଚାଷୀଙ୍କୁ ୩୦୦ ବସ୍ତା ଆଳୁ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ବିଭାଗୀୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍‌ରେ ଆଳୁ ବିହନ କ୍ରୟ କରିବା ପାଇଁ ଚାଷୀଙ୍କୁ ବାଧ୍ୟ କରାଯାଉଛି ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବଳକା ୩୯୦ ବସ୍ତା ଆଳୁ ବିହନ ଯଦି ଚାଷୀ ନ ନିଅନ୍ତି, ତାହେଲେ ଲକ୍ଷାଧିକ ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି। ଯଦି ଏହା ସତ୍ୟ ହୁଏ ତେବେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଯୁବ କଳାକାରଙ୍କ ପରଲୋକ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଲୋକପ୍ରିୟ ଯୁବ କଳାକାର ତଥା ପ୍ରତିଭାବାନ ଯୁବକ ୟୁଥ ୟୁନାଇଟେଡ଼ କ୍ଲବର ବରିଷ୍ଠ ସଭ୍ୟ ସୁକାନ୍ତ ତ୍ରିପାଠୀ (ଶୁକ)ଙ୍କ ପରଲୋକ ଘଟିଛି। ସେ କିଛିଦିନ ତଳୁ ଅସୁସ୍ଥ ଅନୁଭବ କରି ଆସୁଥିବାବେଳେ ଗତ ୨ଦିନ ହେବ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ହୋଇଆସୁଥିଲେ।ସେ ଉକ୍ତ ଅଞ୍ଚଳରେ ଜଣେ ଲୋକପ୍ରିୟ ହାସ୍ୟ ଅଭିନେତା ଭାବରେ ବେଶ ପରିଚିତ ଥିଲେ। ଗାଁ ଡ୍ରାମାରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ସାମାଜିକ ନାଟକରେ ନିଜର ନିଖୁଣ ଅଭିନୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଭୁବନେଶ୍ୱର ସ୍ଥିତ ଚନ୍ଦ୍ରଶେଖରପୁର ସାଇ ମନ୍ଦିର ତରଫରୁ ଆୟୋଜିତ ନାଟକ ଭଗବାନ କେବେ ମିଛ ନୁହଁନ୍ତି ରେ ନିଜର ନିଖୁଣ ଅଭିନୟ କରି ବେଶ ପ୍ରଶଂସା ସାଉଁଟି ପାରିଥିଲେ।ବିଭିନ୍ନ ବ୍ୟକ୍ତିଙ୍କୁ ଅସମୟରେ ସହଯୋଗର ହାତ ବଢ଼ାଇ ଆସୁଥିଲେ। ଆଜି ସକାଳୁ ତାଙ୍କର ମୃତ୍ୟୁ ଖବର ଗାଁରେ ପହଂଚିବା ପରେ ସହଜରେ ଏହାକୁ କେହି ଗ୍ରହଣ କରିପାରିନଥିବା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଅଲ୍ ଓଡ଼ିଶା ସିଡୁଲ୍ଡ଼ କାଷ୍ଟ ଫେଡରେସନ ତରଫରୁ ରକ୍ତ ଦାନ ଶିବିର



କଳାହାଣ୍ଡି, (ମହାଭାରତ) : ଓଡ଼ିଶାର ସମାଜିକ ଓ ବୈଚାରିକ ସଂଗଠନ ଅଲ୍ ଓଡ଼ିଶା ସିଡୁଲ୍ଡ଼ କାଷ୍ଟ ଫେଡରେସନ ଜାତି ଧର୍ମ ଉର୍ଦ୍ଧ୍ୱରେ ମାନବବାଦୀ ଭାଇଚାରାର ସମାଜ ଗଠନ କରିବା ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଭାରତୀୟ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ତିରୋଧାନ ଦିବସ ଉପଲକ୍ଷେ ସଂଗଠନର ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍‌ଙ୍କ ନେତୃତ୍ୱରେ ଆଜି ଭବାନୀପାଟଣା ସରକାରୀ ମୁଖ୍ୟ ହସ୍ପିଟାଲରେ ଏକ ରକ୍ତ ଦାନ ଶିବିର ଆୟୋଜନ କରଯାଇଥିଲା। କଳାହାଣ୍ଡି ଜିଲ୍ଲାର ୧୩ ଗୋଟି ବ୍ଲକ ରୁ ଆସି ସଂଗଠନର ୬୦ ଜଣ ସଦସ୍ ସଦସ୍ୟା ରକ୍ତ ଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଚିକିତ୍ସା ଅଧିକାରୀ କଳାହାଣ୍ଡି ଡକ୍ଟର ନିହାର ରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବରେ ଆସି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଉପସ୍ଥିତି ଥିଲେ ସଂଗଠନ ଜିଲ୍ଲା ସଭାପତି ବୃନ୍ଦାବନ ନାଗ କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ନାଏକ, ସମ୍ପାଦକ ବଳରାମ ଛତ୍ରିଆ, ସମାଜିକ ମୁଖ୍ୟ ଗିରିଜା ବେହେରା, ଭବାନୀପାଟଣା ବ୍ଲକ ସଭାପତି ନିରାକାର ବାଗ, ଏମ୍ ରାମପୁର ବ୍ଲକ ଉପସଭାପତି ବେଣୁଧର ସୁନା, କ୍ଷମାନିଧି ସୁନା, ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ୍ କେସିଙ୍ଗା ବ୍ଲକ ଉପସଭାପତି ବିକ୍ରମ ହରପାଲ, ଡମ୍ବୁରୁଧର କରୁଆ, କଲମପୁର ବ୍ଲକ ସଭାପତି ବଳରାମ ଦୁର୍ଗା, ଲାଞ୍ଜିଗଡ଼ ବ୍ଲକ ଅନେଶର ନାଏକ, ବିଭୁତିଭୁଷଣ ତାଣ୍ଡି, ଜୁନାଗଡ ବ୍ଲକରୁ ଲିଙ୍କନ ଏହିଭଳି ଅନେକ କର୍ମକର୍ତ୍ତା ଉପସ୍ଥିତି ଥିଲେ।

## ଟ୍ରାକ୍ଟର ବାଇକ ମୁହାଁମୁହିଁ ଧକ୍କା, ଦୁଇ ମୃତ, ଜଣେ ଆହତ




ବାଲୁଗାଁ, (ମହଭାରତ): ଟ୍ରାକ୍ଟର ବାଇକ ମୁହାଁମୁହିଁ ଧକ୍କା । ଦୁଇ ମୃତ, ଜଣେ ଆହତ । ବାଇକରେ ତିନିଜଣ କ୍ରିକେଟ ଖେଳିବାକୁ ପ୍ରତାପ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା । ଫଳରେ ବାଇକରେ ଥିବା ତିନି ଜଣ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଦୁର୍ଘଟଣା ଘଟିଛି ବାଣପୁର ଥାନା ଅନ୍ତର୍ଗତ କୋଷରଡ଼ା ନିକଟସ୍ଥ ବନବାସପୁର ଗ୍ରାମ ନିକଟରେ । ଖବର ପାଇ ଦୁର୍ଘଟଣା ସ୍ଥଳରେ ବାଣପୁର ପୋଲିସ ପହଞ୍ଚି ତିନି ଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରି ବାଣପୁର ମେଡିକାଲରେ ଭର୍ତ୍ତି କରାଇଥିଲେ । ପରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ, ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଛନ୍ତି । ଦୁର୍ଘଟଣା ସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ସୂଚନା ମିଳିଛି । ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି ।

## ନିଆଁ ଲାଗି ଜଳିଗଲା ଧାନଗଦା ଓ ଟ୍ରାକ୍ଟର



ରାଇଘର, (ମହାଭାରତ) : ରାଇଘର ବ୍ଲକ ଅନ୍ତର୍ଗତ ଧୂଙ୍ଗିୟାଡିହି ଗ୍ରାମ ତିନି ଚାଷୀ ଙ୍କ ଧାନ ଗଦା ସହ ଟ୍ରାକ୍ଟର ନିଆଁ ଲାଗି ଜଳି ଯାଇଛି। ଟ୍ରାକ୍ଟର ଟି ଧାନ ଥ୍ରୋସର ଲଗେଇ ଧାନ ମିଣ୍ଡେଉ ଥିବା ସମୟରେ ଏହିଭଳି ଅଘଟଣ ଘଟିଛି ଅନୁମାନ କରାଯାଉଛି ସର୍ଟ ସର୍କିଟ ଯୋଗୁଁ ଏହି ଭଳି ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣା ଯୋଗୁଁ ଟ୍ରାକ୍ଟର ଟି ସମ୍ପୂର୍ଣ ଜଳି ଯାଇଥିବା ବେଳେ ଚାଷୀ ଧାନ ଗାନ୍ଧି ରାମ ଗୋଣ୍ଡକ୍ଷ, ବାବୁ ଦାସ ଗୋଣ୍ଡକ୍ଷ, ରୋହିଦାଶ ଗୋଣ୍ଡ ତିନି ଭାଇ ଙ୍କ ପ୍ରାୟ ନଅ ଏକର ର ଧାନ ଜଳି ପାଉଁଶ ହୋଇଯାଇଛି ।ତିନି ଜଣ ଯାକ ଜଣେ ଜଣେ ଛୋଟ ଚାଷୀ ହୋଇଥିବା ଯୋଗୁଁ ଧାର କରଜ କରି ଚାଷ କରିଥିଲେ ଏହି ଘଟଣା ଯୋଗୁଁ ସର୍ବସ୍ୱ ହରାଇଛନ୍ତି। ପୋଡ଼ଶୀ ଛତିଶଗଡ ରାଜ୍ୟ ଫୁଫୁଗାଁ ର ଇନ୍ଦ୍ରମଲ ବାଘେଲ ଙ୍କ ଟ୍ରାକ୍ଟର ଭଡା ରେ ଆଣି ଧାନ ମିଣ୍ଡାଉଥିଲେ ତତ୍ ସହ ଟ୍ରାକ୍ଟର ଟି ସମ୍ପୂର୍ଣ ଜଳି ପାଉଁଶ ହୋଇଯାଇଛି କ୍ଷ ତିନି ଚାଷୀ ଖବର ପାଇ ରାଇଘର ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଏକ ଟିମ ଯାଇ ନିଆ କୁ ଆୟତ କରିଛନ୍ତି।

## ଦେହଜୀବୀ ଉଦ୍ଧାର ଘଟଣା ପରେ ଦୀପକ ହୋଟଲ ସିଲ୍

ନୟାଗଡ଼, (ମହାଭାରତ) : ନୟାଗଡ଼ର ବହୁ ଚର୍ଚ୍ଚିତ ଦେହ ବ୍ୟବସାୟ ଘଟଣାରେ ଇଟାମାଟି ଥାନା ଅନ୍ତର୍ଗତ ପ୍ରତାପପ୍ରସାଦ ନିକଟସ୍ଥ ଦୀପକ ହୋଟେଲକୁ ମାଜିଷ୍ଟ୍ରେଟ ଆଜି ପୁଲିସ ଉପସ୍ଥିତିରେ ସିଲ୍ କରିଛନ୍ତି। ବିଭିନ୍ନ ସମୟରେ ଏହି ଦୀପକ ହୋଟେଲ ଓ ଲଜ୍‌ରେ ଦେହ ବ୍ୟବସାୟ ଚାଲୁଥିବାର ଅଭିଯୋଗ ହୋଇ ଆସୁଥିଲା। ଗତ ୩୦ ତାରିଖ ଦିନ ନୟାଗଡ଼ ପୁଲିସର ବରିଷ୍ଠ ଅଧିକାରୀ ମାନେ ଦୀପକ ହୋଟେଲରେ ଅଚାନକ ଚଢ଼ଉ କରି ଦେହଜୀବୀଙ୍କୁ ଉଦ୍ଧାର କରିଥିବା ବେଳେ ହୋଟେଲ ମାଲିକ ସୁଦର୍ଶନ ନନ୍ଦ ଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଜିଲ୍ଲାରେ ଆଲୋଡ଼ନ ଖେଳି ଯାଇଥିଲା। ନୟାଗଡ଼ ଜିଲ୍ଲାର ବିଭିନ୍ନ ହୋଟେଲରେ ଦେହ ବ୍ୟବସାୟ ଚାଲୁଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଗତ ୩୦ ତାରିଖ ଦିନ ନୟାଗଡ଼ ଏସଡିପିଓ ଙ୍କ ନେତୃତ୍ୱରେ ସଦର ଥାନା ଓ ଟାଉନ ଥାନା ପୁଲିସ ପକ୍ଷରୁ ଇଟାମାଟି ଥାନା ଅନ୍ତର୍ଗତ ପ୍ରତାପ ପ୍ରସାଦ ନିକଟ ଦୀପକ ହୋଟେଲରେ ଚଢ଼ଉ କରି ଜଣେ ଦେହଜୀବୀଙ୍କୁ ଉଦ୍ଧାର କରିଥିବା ବେଳେ ଜଣେ ଗ୍ରାହକ ସେଠାରୁ ଖସି ଯାଇଥିଲେ। ଏହି ଦୀପକ ହୋଟେଲରୁ ପୁଲିସ ବ୍ୟବହୃତ ଓ ଅବ୍ୟବହୃତ ବିଭିନ୍ନ ପ୍ରକାର ଆପତ୍ତିଜନକ ସାମଗ୍ରୀ ଜବତ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଇଟାମାଟି ପୁଲିସ ମାମଲା ରଜୁ କରିବା ସହ ହୋଟେଲ ମାଲିକ ସୁଦର୍ଶନ ନନ୍ଦଙ୍କୁ ଗିରଫ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ହୋଟେଲ ମାଲିକ ସୁଦର୍ଶନ ନନ୍ଦ ଙ୍କୁ ଇଟାମାଟି ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତାଙ୍କର ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସେପଟେ ବେଆଇନ ଭାବେ ଦୀପକ ହୋଟେଲ ଏବଂ ଲଜ୍‌ରେ ଦେହ ବ୍ୟବସାୟ ଚାଲିଥିବା ପ୍ରମାଣିତ ହେବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ନୟାଗଡ଼ ତହସିଲଦାର ତଥା ମାଜିଷ୍ଟ୍ରେଟ ରାଜେଶ କିଶୋର ସ୍ୱାଇଁ, ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ଏବଂ ଅନ୍ୟ ପୁଲିସ କର୍ମଚାରୀ ମାନେ ଆଜି ଦୀପକ ହୋଟେଲର ରୁମ୍ ଓ ହୋଟେଲକୁ ଯିବା ବାଟକୁ ସିଲ୍ କରିଛନ୍ତି। ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ଶାଳିଜଙ୍ଗାରେ ମା' ମହାଲକ୍ଷ୍ମୀଙ୍କ ପ୍ରତିଷ୍ଠା ଦିବସ ଶେଷ ଦିନ, ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ



କଳିଙ୍ଗ ନଗର, (ମହାଭାରତ) : ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ଗ୍ରାମରେ ନୂତନ ଭାବେ ନିର୍ମିତ ମା' ମହାଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହା ସମାରୋହ ଶେଷ ହୋଇଯାଇଛି । ୪ ଦିନ ଧରି ଅନୁଷ୍ଠିତ ଉକ୍ତ ଉତ୍ସବ ପାଇଁ ସ୍ଥାନୀୟ ଅଞ୍ଚଳ ଭକ୍ତିମୟ ହୋଇପଡିଥିଲା । ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ଭିତରେ ଅନୁଷ୍ଠିତ ଏହି ଉତ୍ସବରେ ଶ୍ରୀ ଜଗନ୍ନାଥ ଧାମ ପୁରି ରୁ ସ୍ୱତନ୍ତ୍ର ନିମନ୍ତ୍ରଣ ପାଇ ଆସି ଯୋଗ ଦେଇଥିବା ପଣ୍ଡିତ ନିରାକର ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ରବିନାରାୟଣ ପଣ୍ଡା, ଚନ୍ଦ୍ରଶେଖର କର, ଦୀପକ ମିଶ୍ର , ସୁବ୍ରତ ଶତପଥି ଙ୍କ ଦ୍ୱାରା ପଞ୍ଚଗବ୍ୟ , କଳସ ଯାତ୍ରା, ପଞ୍ଚକର୍ମ, ସୂର୍ଯ୍ୟ ଓ ଗୋପୂଜନ, ଅଙ୍କୁରାରୋପଣ ଓ ରତ୍ନମୁଦ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ସେହିପରି ଭାବେ ଶେଷ ଦିନରେ ମା'ଙ୍କ ପୁଜାର୍ଚ୍ଚନା ପରେ ଶଂଖ, ଘଣ୍ଟ, ହୁଳହୁଳି ଓ କିର୍ତ୍ତନର ତାଳେ ତାଳେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ନଗର ପରିକ୍ରମା କରାଯାଇଥିଲା । ନଗର ପରିକ୍ରମା ସାରି ମା ଙ୍କୁ ମନ୍ଦିର ପ୍ରବେଶ କରା ଯାଇଥିଲା । ପରେ ମା'ଙ୍କ ନବଯୌବନ ଦର୍ଶନ ର ବ୍ୟବସ୍ଥା କରାଯାଇଥିଲା । ମା' ଙ୍କ ଦର୍ଶନ ଲାଭ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଉକ୍ତ ପ୍ରତିଷ୍ଠା ଉତ୍ସବରେ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ, ସୁକିନ୍ଦା ନିର୍ବାଚନ ମଣ୍ଡଳି ର ପ୍ରାକ୍ତନ କଂଗ୍ରେସ ବିଧାୟ ପ୍ରାର୍ଥୀ ବିଭୁ ଭୁଷଣ ରାଉତ, କଳିଙ୍ଗନଗର ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ଟମକା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ,ବିଶିଷ୍ଟ ସମାଜସେବୀ ରତିକାନ୍ତ ବରାଳ, ବଜରଙ୍ଗ ଟ୍ରକ ଓ ଟିପର ଆସୋସିଏସନର ସଭାପତି ଦୀପକ ଜେନା,ପ୍ରସନ୍ନ ପଣ୍ଡାଙ୍କ ସମେତ ବହୁ ମାନ୍ୟ ଗନ୍ୟ ବ୍ୟକ୍ତି ବିଶେଷ ମନ୍ଦିର ରେ ପହଞ୍ଚି ମା'ଙ୍କ ପୁଜାର୍ଚ୍ଚନା ରେ ସାମିଲ ହେବା ସହ ଆଶିଶ ଭିକ୍ଷା କରିଥିଲେ । କର୍ତ୍ତା ଭାବେ ପ୍ରଶାନ୍ତ ଦାସ ଓ ନିତ୍ୟାନନ୍ଦ ଦାଶ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଗ୍ରାମର ବରିଷ୍ଠ ବ୍ୟକ୍ତି ବସନ୍ତ କୁମାର ଦାସ, କୈଳାଶ ଚନ୍ଦ୍ର ମିଶ୍ର, ଅଜିତ ଦାଶ,ଫକୀର ଚରଣ ଦାସ,ବଳରାମ ଦାଶ,ଅଧର କୁମାର ମିଶ୍ର,ଅଜିତ ଦାଶ, ଶ୍ରୀକାନ୍ତ ମିଶ୍ର,ଦେବାଶିଷ ମିଶ୍ର, ଅବିନାଶ ମିଶ୍ର, ଅମିତ ଦାସ, ସିଦ୍ଧାର୍ଥ ଶଙ୍କର ଦାସ, ଘନଶ୍ୟାମ ସାହୁ,ବିଜୟ କୁମାର ସାହୁ,ଲାଲ ମୋହନ ମହାନ୍ତ,କେଶବ ମହାନ୍ତ ଓ ବଙ୍ଗାଳି ଚରଣ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ । କମିଟି ତରଫରୁ ୪ ଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ସମାଜର ଚତୁର୍ଥସ୍ତମ୍ଭ ସାମ୍ବାଦିକ ଓ ବହୁ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ମନ୍ଥାବାତ୍ୟା ର କ୍ଷୟ କ୍ଷତି ମିଳିବ କେବେ ?



ଗଜପତି(ମହାଭାରତ): ମନ୍ଥାବାତ୍ୟାରେ ଚାଷୀ ଙ୍କୁ କ୍ଷୟ କ୍ଷତି ଆଜି ପର୍ଯ୍ୟନ୍ତ ମିଳି ନାହିଁ। ଚାଷୀ ବର୍ତ୍ତମାନ୍ ଧାନ ଅମଳ କରିବାରେ ବ୍ୟସ୍ତ ସେପଟେ ମଣ୍ଡି ଗଜପତି ଜିଲ୍ଲାରେ ଆସନ୍ତା ତିରିଶି ତାରିଖରେ ମଣ୍ଡି ଖୋଲିବ କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀ ଙ୍କୁ ବାତ୍ୟାର ସହାୟତା ମୀଳି ଲା ନାହିଁ ।ଚାଷୀ ରାଜସ୍ୱ ବିଭାଗ ଚାଷୀର ଦସ୍ତାବିଜ ନେଇ ଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀ ଙ୍କୁ କ୍ଷୟକ୍ଷତି ମିଳିଲା ନାହିଁ । ଚାଷୀ ବର୍ତ୍ତମାନ୍ ମଣ୍ଡିକୁ ଦେବେ ନୟ କ୍ଷୟ କ୍ଷତି ମିଳିବ ଚିନ୍ତାରେ ଚାଷୀ ର ନଷ୍ଟ ହୋଇଥିବା ଜମି ର କିଛି ଧାନ ନ ମଣ୍ଡି ରେ ଦେବେ ନା ବାହାରେ ବିକ୍ରି କରିବେ । ଚିନ୍ତାରେ ଚାଷୀ ଏପଟେ ରାଜସ୍ୱ ବିଭାଗ କ୍ଷୟକ୍ଷତି ପାଇଥିବା ଜମି ମଣ୍ଡିକୁ ଦେଇ ପାରିବେ ନାହିଁ ବୋଲି ଚାଷୀ ଙ୍କୁ କହୁଥିଲା ବେଳେ ଗତ ବର୍ଷ କିପରି ଚାଷୀ ମଣ୍ଡି ଙ୍କୁ ଦେଇଥିବାର ଅଭିଯୋଗ ହୋଇଛି। ଏପରିକି ବିହନକୁ ଦେଇଥିବା ଚାଷୀ ମାଣ୍ଡିକୁ ଦେଇଥିବାର ଅଭିଯୋଗ ହଉଛି। କିପରି ଚଳିତ ବର୍ଷ ନିୟ ମ ଅଲଗା ବୋଲି ପ୍ରଶ୍ନ ବାଚି ସୃଷ୍ଟି କରିଛି। ସରକାର ଏଥି ପ୍ରତି ଦୃଷ୍ଟି ଦେଲେ ଉପକୃତ ହେବେ ଚାଷୀ ଓ କ୍ଷୟ କ୍ଷତି ବାତ୍ୟା ର ପାଇ ପାରିବେ।

## ବାଲ୍ୟ ବିବାହ କୁ ନାଁ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ



କପ୍ତିପଦା-(ମହାଭାରତ): କପ୍ତିପଦା -ଦେବଳା ଗ୍ରାମ ପଂଚାୟତ ଅନ୍ତର୍ଗତ ବଡ଼ଝାଡ଼ ଉତ୍ତୀତ ଉଚ୍ଚ ବିଦ୍ୟାଳୟରେ ବାଲ୍ୟ ବିବହ କୁ ନାଁ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛିୟ ବାଲ୍ୟ ବିବାହ ଆମ ସମାଜର ଏକ ରୋଗ ୟ ଏହାଦ୍ୱାରା ସମାଜରେ ଅନେକ କ୍ଷତି ହୋଇଥାଏ ୟ ସୁସ୍ଥ ସମାଜ ପାଇଁ ସୁସ୍ଥ ମାଆ ଜଣଙ୍କର ଆବଶ୍ୟକତା ରହିଛି ୟ ତେଣୁ କୈଶର ବୟସରେ ଏକଥା ପିଲା ମାନଙ୍କ ମନରେ ରହିଲେ ବାଲ୍ୟ ବିବାହକୁ ରୋକାଯାଇ ପାରିବ ୟ ମାନସିକ ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି ଝିଅକୁ ଅଠର ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ବାଲ୍ୟ ବିବାହକୁ ନାଁ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାର ପୁରସ୍କୃତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ବୈଠକର ଆଲୋଚନା କରିଥିଲେୟ ଏଥିରେ ପ୍ରଥମ , ଦ୍ୱିତୀୟ , ତୃତୀୟରେ ଯଥାକ୍ରମେ ଦୀପ୍ତି ନାଏକ, ଗୋବିନ୍ଦ ସିଂ, ଶ୍ୟାମସୁନ୍ଦର ମାଝୀକୁ ପୁରସ୍କୃତ କରାଯାଇଥିଲା ୟଅନ୍ୟତମ ଆଲୋଚକ ଭାବେ ଶିକ୍ଷୟତ୍ରୀ ସରସ୍ୱତୀ ହାଁସଦା, ନମିତା ସେଠୀ , ଦେବକୀ ପରିଡ଼ା , ଶିଖକ୍ଷସ୍ୱରୁପା ଗିରି, ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ , କମଳ ଲୋଚନ ବେହେରା ଉପସ୍ଥିତ ଥିଲେ ୟ କାର୍ଯକ୍ରମ ଆୟୋଜନରେ ପ୍ରଧାନ ଶିକ୍ଷକ ରମେଶ ହେମ୍ବ୍ରମ ସହଯୋଗ କରିଥିଲେ।

## ସରସ୍ତୀ ବିଦ୍ୟା ମନ୍ଦିରର ୨୮ ତମ ବାର୍ଷିକ କ୍ରୀଡା ଉତ୍ସବ




ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ବଡ଼ବିଲ ସଙ୍କୁଳ ଅନ୍ତର୍ଗତ ଭଦ୍ରାସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ୨୮ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ଦୁଇ ଦିନ ଧରି ଆୟୋଜିତ ଏହି କ୍ରୀଡା ଉତ୍ସବ ର ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ,ସମ୍ମାନିତ ଅତିଥି ଭାବେ ଜେ ଏସ ପି ଏଲ ର ସି ଏସ ଆର୍ ମ୍ୟାନେଜର ମନୋଜ କୁମାର ମହାନ୍ତ,ଫିଲ୍ଡ ୱ୍ୟର୍କର ଆଲକୟ ସଏ,ଯୋଗ ଦେଇଥିଲେ ।ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ନାଥ ପିଁଗୁଆ,ସମ୍ମାନିତ ଅତିଥି ଭାବେ ନାର୍ଭେରୟମ୍ ମାନବ ସମ୍ବଳ ଅଧିକାରୀ ସରୋଜ କୁମାର ନାୟକ,ଲିୟୟସନିକ ମ୍ୟାନେଜର ପ୍ରଶାନ୍ତ କୁମାର ମହାନ୍ତି,ପ୍ରମୁଖ ଙ୍କ ସମେତ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ଭାଗବତ ପଲେଇ,ସଭାପତି ନରୋତ୍ତମ ନାୟକ ଉପସ୍ଥିତ ଥିଲେ ।ପ୍ରଧାନ ଆଚାର୍ଯ୍ୟ କୃଷ୍ଣ ଚନ୍ଦ୍ର ମହାକୁଡ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ ।କ୍ରୀଡା ଶିକ୍ଷକ ପରମେଶ୍ୱର ମହାନ୍ତ କ୍ରୀଡା ପ୍ରତିଯୋଗିତା କୁ ପରିଚାଳନା କରିବା ସହିତ ବରିଷ୍ଠ ଆଚାର୍ଯ୍ୟା ସୁଷମା ମହାନ୍ତ ମଞ୍ଚ ପରିଚାଳନା କରିଥିଲେ ।ସର୍ବ ଶେଷରେ ବରିଷ୍ଠ ଆଚାର୍ଯ୍ୟ ସୁଧାଂଶୁ କୁମାର ଚକ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଶା ଆଶଙ୍କାରେ କଳାକାର

# ତିନି ମାସ ହେଲା ମିଳୁନି ଭତ୍ତା, ନୂଆ ଭତ୍ତା ଅପେକ୍ଷାରେ ତିନି ହଜାରରୁ ଊର୍ଦ୍ଧ୍ୱ କଳାକାର




ନୟାଗଡ଼, ( ମହାଭାରତ ) : ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କଳାକାରଙ୍କୁ ମାସିକ ଭତ୍ତା ବ୍ୟବସ୍ଥା ପୂର୍ବ ସରକାର କରିଥିଲେ। ରାଜ୍ୟର ହଜାର ହଜାର କଳାକାର ଏହା ଦ୍ୱାରା ଉପକୃତ ହେଉଥିଲେ। କିନ୍ତୁ ଗତ ତିନି ମାସ ହେଲା କଳାକାରଙ୍କୁ ଭତ୍ତା ମିଳୁ ନ ଥିବାରୁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ଅଧୀନରେ ଏକ ହଜାରରୁ ଊର୍ଦ୍ଧ୍ୱ କଳାକାର ପ୍ରତ୍ୟେକ ମାସରେ ଦୁଇ ହଜାର ଟଙ୍କା ଲେଖାଏଁ ଭତ୍ତା ପାଇଆସୁଥିଲେ। ଗତ ତିନି ମାସ ହେଲା କୌଣସି କାରଣରୁ କଳାକାରଙ୍କ ବ୍ୟାଙ୍କ ଖାତାକୁ ଭିତ୍ତା ଆସୁ ନ ଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ସ୍ପଷ୍ଟ ସୂଚନା ଦେଇପାରି ନାହାନ୍ତି। ଆଗକୁ ଭତ୍ତା ମିଳିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ବରିଷ୍ଠ କଳା କଳାକାର ଏବେ ନିଜର କଳା ପ୍ରତିଭା ପ୍ରଦର୍ଶନ କରି ନ ପାରି ଦୁର୍ଦ୍ଦିନରେ କାଳାତିପାତ କରୁଥିବା ବେଳେ ସରକାରଙ୍କ ପକ୍ଷରୁ ମିଳୁଥିବା ଦୁଇ ହଜାର ଟଙ୍କାରେ ତାଙ୍କ ଗୁଜୁରାଣ ମେଣ୍ଟୁଥିଲା। କଳାକାର ଭତ୍ତା ମିଳୁ ନ ଥିବାରୁ ସେମାନେ ଅସହାୟତା ପ୍ରକାଶ କରୁଛନ୍ତି। ନୟାଗଡ଼ କଳା, ସଂସ୍କୃତିର ଜିଲ୍ଲା ଭାବେ ପରିଗଣିତ ହେଉଥିବା ବେଳେ ମଞ୍ଚ ନାଟକ, ଦାସକାଠିଆ, ପାଲା, ରାମ ନାଟକ, ଦଣ୍ଡନୃତ୍ୟ, ସଙ୍କୀର୍ତ୍ତନ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ କଳା ପ୍ରଦର୍ଶନ କରି ହଜାର ହଜାର ସଂଖ୍ୟାରେ କଳାକାର ତାଙ୍କ ପେଟ ପୋଷୁଛନ୍ତି। ଅନେକ କଳାକାରଙ୍କୁ ଉପଯୁକ୍ତ ଭାବେ ମ□ ନ ମିଳିବା, ସମୟ ସହ ତାଳ ଦେଇ ଆଗକୁ ଆଗେଇ ନ ପାରିବା, ଆଧୁନିକ ଯୁଗରେ ପାରମ୍ପରିକ କଳାକାରଙ୍କୁ ପ୍ରାଧାନ୍ୟ ନ ମିଳିବା ଦ୍ୱାରା ସେମାନଙ୍କ ପେସା ଦିନକୁ ଦିନ ରୋଗାଗ୍ରସ୍ତ ହେଉଛି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହେଉଛି। ବର୍ଷକ ମଧ୍ୟରେ ଯେତିକି ମଞ୍ଚ ମିଳୁଛି, ସେଥିରେ ଦୁଇ ମାସ ଚଳିବା କଷ୍ଟକର ବୋଲି ଅନେକ କଳାକାର କହିଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ନ ଆସିବା ସେମାନଙ୍କୁ ଆହୁରି ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। ଜିଲ୍ଲାର ୧ ହଜାରରୁ ଊର୍ଦ୍ଧ୍ୱ କଳାକାର ପରିବାର ଭତ୍ତା ଟଙ୍କା ପାଇଁ ଚାହିଁ ବସିଛନ୍ତି। ଜିଲ୍ଲାପାଳ ଏନେଇ ରାଜ୍ୟ ସଂସ୍କୃତି ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ସେପଟେ ମଧ୍ୟ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ବର୍ଷ ତଳେ ଭତ୍ତା ପାଇବା ପାଇଁ କଳାକାରଙ୍କୁ ଚୟନ କରାଯାଇଥିଲା। ଏହା ପରଠାରୁ ନୂଆ ଭତ୍ତା ପାଇବା ପାଇଁ ଅନେକ ଥର କଳାକାର ମାନେ ଆବେଦନ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଜିଲ୍ଲାରେ ଏବେ ୩ ହଜାରରୁ ଊର୍ଦ୍ଧ୍ୱ କଳାକାର ଭତ୍ତା ପାଇବାକୁ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ବିଗତ ଦିନରେ ପଡ଼ିଥିବା ଆବେଦନ ଗୁଡ଼ିକ ମଧ୍ୟରୁ ସଠିକ୍ କଳାକାରଙ୍କୁ ଚୟନ କରି ଭତତ୍ତା ପ୍ରଦାନ ପାଇଁ ଦାବି ହେଉଛି।

## ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା- ୨୦୨୫ ଅନୁଷ୍ଠିତ



ଆସିକା (ମହାଭାରତ): ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ଆସିକା ଟାଉନ ହଲ ପଡିଆ ଠାରେ ଆସିକା ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀ ଡା ସୁଧାଂଶୁ ଶେଖର ବେହେରା ଙ୍କୁ ସଭାପତିତ୍ୱ କରିଥିଲା ବେଳେ ମଞ୍ଚକୁ ଉପସ୍ଥାପକ ରତ୍ନାକର ସିୟ ପରିଚାଳନା କରିଥିଲେ ।ଏହି ସଭାକୁ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ,ଆସିକା ବ୍ଲକ୍ ଉପାଧକ୍ଷା ରେଶେମା ଦୋରା,ଗଞ୍ଜାମ ଉପ ମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା,ଆସିକା ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ, ଭଞ୍ଜନଗର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଗଣେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ରହିଥିଲେ ।ବ୍ଲକ୍ କଳା ସଂସ୍କୃତି ସଂଘ ଅନୁବନ୍ଧିତ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଲା ପରିବେଷଣ କରାଯାଇଥିଲା। କୃଷି ଓ କୃଷକ ମାନଙ୍କ ଉନ୍ନତି ପାଇଁ ଆୟୋଜିତ ଏହି ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଚାଷୀ ମାନଙ୍କ ପାଇଁ ସରକାର ଯେଉଁ ସବୁ ଲାଭଦାୟକ ଯୋଜନା କରିଛନ୍ତି ସେ ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୭ ଟି ପଞ୍ଚାୟତର ୫୪୦ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଚାଷୀ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା , ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନା ପରି ବିଭିନ୍ନ ଯୋଜନାର ଚାଷୀ ମାନେ କିଭଳି ଲାଭବାନ ହେବେ ସେଇନେଇ ଆଲୋଚନା ହୋଇଥିଲା। ବିଭିନ୍ନ ଷ୍ଟଲ ମାଧମରେ ଆନ୍ଧ୍ରା ପ୍ରଦେଶର ଚିତୋର ଜିଲ୍ଲା ପଙ୍ଗାନୁର ଗାଈ , ଘାସକଟା ମେସିନ , ହାଇଡ୍ରୋ ପୋନିକ ଘାସ , ଅଜୋଲା, ଦୁଗ୍ଧ ଦୁହିଁବା ମେସିନ, ବିଭିନ୍ନ ପ୍ରଜାତିର କୁକୁଡ଼ାକୁ ପର୍ଦ୍ଦଶନ କରାଯାଇଥିଲା ।ପରିଶେଷରେ ଏହି ସଭାକୁ ଆସିକା ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ଦୁବରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।ଆସିକା ଗୋଷ୍ଠୀ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର କର୍ମଚାରୀ ଡାକ୍ତର ଆଶୁତୋଷ ଚୌଧୁରୀ, ଏଲ ଆଇ ସୁଦର୍ଶନ ନାୟକ,ସୁଶାନ୍ତ କୁମାର ଡାକୁଆ,ଏମ ଏ ପ୍ରିୟ ଜନ କହଁର, ସସ୍ମିତା ପଣ୍ଡା, ଏଲ ଆଇ ଆଲୋକ ପାତ୍ର, ଏଲ ଆଇ ସ୍ମୃତି ରଞ୍ଜନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ, ବୁଲୁ ଚନ୍ଦ୍ର ସେଠି,ବିଦ୍ୟାସାଗର ସାହାଣୀ ନୀଳାଞ୍ଚଳ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ହୋଇବି ସେ ସକ୍ଷମ



କପ୍ତିପଦା-(ମହାଭାରତ): କପ୍ତିପଦା - ଦିବ୍ୟାଙ୍ଗ ହେଲେବି ମୁଁ ସକ୍ଷମ। ଜନ୍ମ ରୁ ଠିକ ସେ କଥା କଥା କହି ପାରନ୍ତି ନାହିଁ କି ଶୁଣି ପାରନ୍ତି ନାହିଁ। ହେଲେ ମନ ରେ ଧର୍ଯ୍ୟ ଓ ଇଚ୍ଛାଶକ୍ତି ତାଙ୍କୁ ଆଜି ଏକ ସକ୍ଷମ ଭାବେ ପରିଚିତ କରି ପାରିଛି। ଯାହାକି ନିଜର ର ଉଦ୍ୟମ ବଳ ରେ କିଛି କରି ସେ ଆଜି ନିଜେ ସ୍ୱାବଲମ୍ବୀ ହୋଇ ପରିବା ସହ ଅନ୍ୟ ଦିବ୍ୟାଙ୍ଗ ଙ୍କ ପାଇଁ ଏକ ପ୍ରେରଣା ର ଉତ୍ସ ହୋଇ ପାରିଛନ୍ତି ।ମୁଁ ଦିବ୍ୟାଙ୍ଗ ନୁହେଁ ମୁଁ ସକ୍ଷମ। ନିଜେ କଥା ରେ ପରି ପ୍ରକାଶ କରି ପାରୁ ନଥିଲେ ମଧ୍ୟ କାର୍ଯ୍ୟ କ୍ଷେତ୍ର ରେ ନିଜର ସକ୍ଷମତା କୁ ବେଶ ପ୍ରମାଣ କରି ପାରିଛନ୍ତି ସେ। ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ପହଣ୍ଡା ଗ୍ରାମ ର ଏ ହେଉଛନ୍ତି ସଂଯୁକ୍ତା ବେହେରା। ସଂଯୁକ୍ତା ଜନ୍ମ ରୁ ଦିବ୍ୟାଙ୍ଗ ହେଲେ ମନ ରେ ତାଙ୍କର ଅସୀମ ସାହସ। ପିଲାଟି ଦିନ ରୁ ବାପା ମାଆ ଙ୍କ ଦେହାନ୍ତ ହୋଇ ଥିବାବେଳେ ସେ ଏବେ ଏକୁଟିଆ। ବଞ୍ଚିବା ର ରାହା ଖୋଜୁଥିବା ସଂଯୁକ୍ତା ଙ୍କ ପାଇଁ ସାହି ପୋଡିଶା ତାଙ୍କ ର ସାହା ଭରସା। ସେ ଦିବ୍ୟାଙ୍ଗ ହେଲେ ତାଙ୍କ କାମ ଦେଖିଲେ ଜଣାପଡେ ସେ ଜଣେ ସକ୍ଷମ। ନିଜ ଗୋଡ଼ ରେ ଛିଡା ହୋଇ ଆଜି ସେ ନିଜ ପାଇଁ ହୋଇ ପାରିଛନ୍ତି ସ୍ୱାବଲମ୍ବୀ। ଯାହାକି ଅନ୍ୟ ଦିବ୍ୟାଙ୍ଗ ଙ୍କ ପାଇଁ ସେ ଏକ ଉଦାହରଣ । ମନ ରେ ଦୃଢ ଇଚ୍ଛାଶକ୍ତି ସଂଯୁକ୍ତା ଙ୍କୁ ଦିବ୍ୟାଙ୍ଗ ରୁ ସକ୍ଷମ ହେବା ରେ ଦେଇଛି ନୂଆ ପରିଚୟ। ମାଟି ରେ ହାତୀ, ଘୋଡା ସହ ଭିନ୍ନ ପ୍ରକାର ମୂର୍ତ୍ତି ତଥା ଦ୍ୱୀପ ତିଆରି କରିବା ରେ ସେ ପାରଙ୍ଗମ। ନିଜର ଭାବନା ଭିତରେ କିଛି କିଛି ନୂଆ ଜିନିଷ ତିଆରି କରିବା ରେ ସଂଯୁକ୍ତା ଙ୍କ ମନ ରେ ସବୁବେଳେ ଉଙ୍କି ମାରୁଥାଏ। ମାଟି ରେ ବିଭିନ୍ନ ପ୍ରକାର ମୂର୍ତ୍ତି, କଣ୍ଢେଇ ଓ ଦ୍ୱୀପ ତିଆରି କରି ତାକୁ ବିକ୍ରି କରି ନିଜ ପେଟ ଚାଖଣ୍ଡେ ପାଇଁ କରିଥାନ୍ତି ସଂଘର୍ଷ। ଏହି ପରିକି ସିଲେଇ ମେସିନ ରେ ସିଲେଇ କରୁଛନ୍ତି ସେ। ସବୁଠୁ ବଡ଼ କଥା ହେଉଛି କାହାରି ପାଖରୁ ତାଲିମ ନ ନେଇ ଆଜି ଏ ସବୁ କାମ କରି ନିଜେ ହୋଇ ପାରିଛନ୍ତି ସ୍ୱାବଲମ୍ବୀ। ବାପା ମାଆ ଙ୍କୁ ହରାଇ ଆଜି ଅସହାୟ ସିନା ହୋଇ ପଡିଛନ୍ତି ହେଲେ ମନ ତାଙ୍କର ସବୁବେଳେ ଚଳଚଞ୍ଚଳ। ସଂଯୁକ୍ତା ଙ୍କର ଏ ସବୁ କାମ ଆଖି ରେ ଦେଖିଲେ ବିଶ୍ୱାସ କରି ହେବନି। ଆମେ ଯେତେବେଳେ ସଂଯୁକ୍ତା ଙ୍କୁ ଭେଟିଲୁ ସେତେବେଳେ ତାଙ୍କ କାମ ଦେଖି ଆମକୁ ବିସ୍ମିତ ଲାଗିଲା। ସେ ଠିକ ସେ କଥା କହି ପାରୁନଥିଲେ କି ଶୁଣି ପାରୁ ନଥିଲେ ମଧ୍ୟ ନିଜର ଭାବ ଭଙ୍ଗୀ ରେ ସଂଘର୍ଷ ର କଥା ଆମକୁ କହିଥିଲେ। ତେବେ ଏହି ସଂଯୁକ୍ତା ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇ ରହି ଯାଇଛି। ୧୦୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ସରକାରୀ ଯୋଜନା ଘର ଖଣ୍ଡିଏ ପାଇ ପାରିନାହାନ୍ତି। ତେବେ ଏ ସଂଯୁକ୍ତା ଙ୍କୁ ସରକାରୀ ସହାୟତା କେବେ ମିଳିବ ତାହାକୁ କେବଳ ଅପେକ୍ଷା। ତେବେ ଏକାକୀ ଜୀବନ ବିତାଉଥିବା ଏହି ଦିବ୍ୟାଙ୍ଗ ସଂଯୁକ୍ତା ଙ୍କ ଭବିଷ୍ୟତ ପାଇଁ ସରକାର କିଛି ସହଯୋଗ ର ହାତ ବଢାଇବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଜିଲ୍ଲା ସ୍ତରୀୟ ବାଳିକା କ୍ରିକେଟ ଟିମର କେନ୍ଦ୍ରାପଡ଼ା ଗ୍ରସ୍ତ

ହାଟଡିହ(ମହାଭାରତ): ହାଟଡିହି କେନ୍ଦୁଝର ଜିଲ୍ଲାର ଜିଲ୍ଲା ସ୍ତରୀୟ ବାଳିକା କ୍ରିକେଟ ଟିମ୍ ର ଜଗତସିଂହପୂର ଗ୍ରସ୍ତ। ଏହି ଗ୍ରସ୍ତ ରେ ପନ୍ଦର ଜଣ ଝିଅ ରହିଥିବା ବେଳେ ଏସ କେ ଏକାଡେମୀ ଜଗତସିଂହପୁର ମ୍ୟାଚ୍ ଖେଳାଯିବ। ଏଥିରେ ସତର ବର୍ଷ ରୁ କମ ବାଳିକା ବର୍ଗରେ ମ୍ୟାଚ୍ ଅନୁଷ୍ଠିତ ହେବ ।ଏହି ଖେଳାଳି ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ଶୁଭେଚ୍ଛା ଜଣାଇ ଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରି ଶ୍ରୀକାନ୍ତ ବେହେରା, ଡିପିଓ ରାମକୃଷ୍ଣ ବେହେରା, ହାଟଡିହି ବ୍ଲକ ଶିକ୍ଷା ଅଧିକାରି ରାଜୀବ ଦଳେଇ, ଏବିଓ ପ୍ରମୋଦ ନାୟକ, ଓଷ୍ଟା ଶିକ୍ଷା ସମ୍ପାଦକ ରଞ୍ଜନ ଘଡ଼େଇ, ଓଷ୍ଟା ରାଜ୍ୟ ଯୁଗ୍ମ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ ଓଷ୍ଟା ବ୍ଲକ ସଭାପତି ନବଘନ ନାୟକ, ବ୍ଲକ କ୍ରୀଡା ଶିକ୍ଷକ ସଂଘ ର ସଭାପତି ସତ୍ୟବ୍ରତ ସାମଲ , ହାଟଡିହି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରମା ନନ୍ଦ ପରିଡ଼ା, ଶାସଙ୍ଗ ଉଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବ କିଶୋର ବିଶ୍ୱାଳ, ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ରାଧାକ୍ରୀଷ୍ଣାପତି, ଶିଶିର କୁମାର ବିଶ୍ୱାଳ, ମାଧବାନନ୍ଦ ଜେନା, ଲକ୍ଷ୍ମୀ କାନ୍ତ ମିଶ୍ର, ପଦ୍ମନାଭ ପଣ୍ଡା, ପ୍ରଦୀପ କୁମାର ସ୍ୱାଇଁ, ସତ୍ୟବ୍ରତ ବିଶ୍ୱାଳ, ପର୍ଶୁରାମ ନାୟକ, ନବଘନ ନାୟକ, ଅନିରୁଦ୍ଧ ସେଠୀ ପ୍ରଦୀପ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ସୁଧାଂଶୁ ବିଶ୍ୱାଳ, ଲକ୍ଷ୍ମୀଧର ଜେନା ପ୍ରମୁଖ ଶିକ୍ଷକ ମାନେ ଖେଳାଳି ମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏଥିରେ ବାଳିକା ଖେଳାଳି ମାନଙ୍କ ର ଗାଇଡ ଶିକ୍ଷୟତ୍ରୀ ଓ ଶିକ୍ଷକ ଭାବରେ ଯୋଷ୍ଣା ରାଣୀ ଓଝା, ଓ ପଦ୍ମନାଭ ସାମଲ, ଖେଳ କୋଚ ଭାବରେ ରହିଥିବା ବେଳେ ସାନ୍ତୁନୁ କୁମାର ରାଉତ ପିଲା ମାନଙ୍କୁ ଦାୟିତ୍ୱ ର ସହ ଖେଳ ପରିଚାଳନା କରିବାକୁ ସାଙ୍ଗରେ ରହିଛନ୍ତି।

## ଅଙ୍ଗନୱାଡି ସହାୟିକା ଙ୍କୁ ଅଗ୍ନି ନିର୍ବାପନ ତାଲିମ

ହାଟଡିହ(ମହାଭାରତ): ହାଟଡିହି ବ୍ଲକ କାର୍ଯ୍ୟାଳୟ ରେ ପରିସର ରେ ଅଙ୍ଗନବାଡି ସହାୟିକା ମାନଙ୍କୁ ଅଗ୍ନି ନିର୍ବାପନ ତାଲିମ ପ୍ରଦାନ କରାଯାଇଥିଲା। ଛୋଟ ଛୋଟ ପିଲା ମାନଙ୍କ ର ରୋଷେଇ କରିବା ସମୟରେ ଅସାବଧାନତା ଯୋଗୁଁ ଅନେକ ସମୟରେ ଅଗ୍ନି କାଣ୍ଡ ରେ ରୋଷୀୟା ଗୁରୁତର ହେବା ଭଳି ଘାଟଣା ସାମ୍ନା କୁ ଆସୁଥାଏ। ସେହି ଭଳି ଘାଟଣା କୁ ଏଡାଇ ଦେବା ପାଇଁ ହାଟଡିହି ଅଗ୍ନି କେନ୍ଦ୍ର କର୍ମଚାରୀ ଙ୍କ ଦ୍ୱାରା ଏକ ସୁରକ୍ଷିତ ରହିବା ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଛି।

## ଆସିକା ବ୍ଲକରେ ଖୋଲିଲା ସୁଲଭ ମତ୍ସ୍ୟ ଓ ପ୍ରାଣୀ ଖାଦ୍ୟ କେନ୍ଦ୍ର

ଆସିକା (ମହାଭାରତ): -ଆସିକା ବ୍ଲକରେ ଖୋଲିଲା ଡ଼ଲଫିନ ଏଗ୍ରଟେକ ସୁଲଭ ମତ୍ସ୍ୟ ଓ ପ୍ରାଣୀ ଖାଦ୍ୟ ବିକ୍ରୟ କେନ୍ଦ୍ର। ଆସିକା ବ୍ଲକ କଲେଜ ଛକ ଠାରେ ସୁଲଭ ଦରରେ ମାଛଖାଦ୍ୟ,କୁକୁଡ଼ା ଖାଦ୍ୟ,ପଶୁ ପକ୍ଷୀଖାଦ୍ୟ,ଗୋଖାଦ୍ୟ,ଭିଟାମିନ ବିଭିନ୍ନ ପ୍ରକାରର ପେଷ୍ଟିସାଇଡ ଓ ଔଷଧ ବିକ୍ରୟ କେନ୍ଦ୍ର ଖୋଲାଯାଇଛି ।ଏହି କେନ୍ଦ୍ରକୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଆସିକା ବ୍ଲକ ଅଧକ୍ଷା ରେଶମା ଦୋରା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଖାରିଆ ସରପ□ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ଭଗବାନ ସାହୁ,ଆସିକା ବିଧାୟକ ପ୍ରତିନିଧି ସଂଗୀତ କୁମାର ପାଢ଼ୀ, ବିଜୟ ସ୍ୱାଇଁ, ଶିବ ନାହାକ କେନ୍ଦ୍ରର ପରିଚାଳକ ମାଧବ ପ୍ରଧାନ ଙ୍କୁ ସମେତ ବହୁ ଚାଷୀ ଉପସ୍ଥିତ ରହିଥିଲେ। ଏହି କେନ୍ଦ୍ର ଦ୍ୱାରା ଆସିକାବ୍ଲକର ୨୭ଟି ପଞ୍ଚାୟତ ର ଚାଷୀ ଉପକୃତ ହେବେ ।ଏହିପରି କେନ୍ଦ୍ର ବହୁବାର ଖୋଲିବା ପାଇ ଚାଷୀ ମାନଙ୍କ ମଧ୍ୟରେ ଦାବୀ ହୋଇ ଆସୁଥିଲା ।ଏହି କେନ୍ଦ୍ର ଆଜି ଉଦଘାଟନ ହେବା ପରେ ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି।



ରାଇଘର ବ୍ଲକ ଅନ୍ତର୍ଗତ ଧୂଙ୍ଗିୟାଡିହି ଗ୍ରାମର ତିନି ଚାଷୀଙ୍କ ଧାନ ଗଦା ସହ ଟ୍ରାକ୍ଟର ନିଆଁ ଲାଗି ଜଳି ଯାଇଛି।

## ନେପାଳରେ ଭୂମିକମ୍ପ ଝଟକା

ନେପାଳ: ନେପାଳରେ ଭୂମିକମ୍ପ । ଭୂମିକମ୍ପ ଯୋଗୁଁ ସମ୍ପୂର୍ଣ୍ଣ ନେପାଳ ଦୋହଲି ଯାଇଛି। ପଶ୍ଚିମ ସୁଦୂର ପଶ୍ଚିମ ପ୍ରଦେଶ ନେପାଳରେ ସକାଳ ପ୍ରାୟ ଆଠଟା ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ନ୍ୟାସନାଲ ସେଣ୍ଟର ଫର୍ ସିସ୍ମୋଲୋଜିକାଲ୍ ମନିଟରିଂ ଆଣ୍ଡ ରିସର୍ଚ୍ଚ ଅନୁଯାୟୀ, ଭୂମିକମ୍ପର ତୀବ୍ରତା ୪.୬ ବୋଲି ମାପ କରାଯାଇଥିଲା । ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ । ସକାଳ ୮ଟା ୨୮ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା ।

ଏହାଦ୍ୱାରା ଆଖପାଖ ଜିଲ୍ଲାଗୁଡ଼ିକରେ ମଧ୍ୟ ଝଟକା ଅନୁଭୂତ ହୋଇଥିଲା । ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ । କହିରଖୁଛୁ, ପଶ୍ଚିମ ନେପାଳରେ ପ୍ରାୟତଃ ବାରମ୍ବାର ଭୂମିକମ୍ପ ହୁଏ । ନଭେମ୍ବର ୩୦ ତାରିଖରେ ସେହି ରାଜ୍ୟର ବାଝାଙ୍ଗ ଜିଲ୍ଲାର ସାଇପାଲ ପର୍ବତ ଅଞ୍ଚଳରେ ୪.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂମିକମ୍ପ ଯୋଗୁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ । ତେବେ ଏହି ଭୂମିକମ୍ପରେ କୌଣସି ଧନ ଜୀବନ ହାନି ହୋଇନଥିବା ଜଣାପଡ଼ିଛି ।

## ଛତିଶଗଡ଼ରେ ମର୍ମନ୍ତୁଦ ଦୁର୍ଘଟଣା, ୫ ଯୁବକ ମୃତ



ଛତିଶଗଡ଼ : ଛତିଶଗଡ଼ର ଜଶପୁର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦ୍ରୁତଗାମୀ କାର୍ ନିୟନ୍ତ୍ରଣ ହରାଇ ଟ୍ରେଲର ସହ ଧକ୍କା ହେବା ଯୋଗୁଁ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାରେ ୫ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ତୁରନ୍ତ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ସୂଚନାନୁଯାୟୀ, କାରରେ ଥିବା ଯୁବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଫେରୁଥିଲେ । କାରଟି ଘଣ୍ଟା ପ୍ରତି ୧୦୦ କିଲୋମିଟର ବେଗରେ ଯାଉଥିବାବେଳେ ହଠାତ୍ ନିୟନ୍ତ୍ରଣ ହରାଇ ଟ୍ରଲର ସହିତ ଧକ୍କା ହୋଇଥିଲା । ଯାହାଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ମୃତକଙ୍କ ପରିବାରକୁ ସୂଚନା ଦେଇଛି ପୋଲିସ । ଏଥିସହ ତଦନ୍ତ ମଧ୍ୟ ପୋଲିସ ଆରମ୍ଭ କରିଛି ।

## ଅଲାସ୍କାରେ ଶକ୍ତିଶାଳୀ ଭୂକମ୍ପ, ତୀବ୍ରତା ୭

ଅଲାସ୍କା : ଅଲସ୍କା ଏବଂ କନାଡାଇର ୟୁକୋନ ସୀମା ନିକଟବର୍ତ୍ତୀ ଏକ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୭ ରହିଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ପ୍ରାୟ ୧୦ କିଲୋମିଟର ଗଭୀରତାରେ ଥିବା ସୂଚନା ମିଳିଛି । ଶକ୍ତିଶାଳୀ ଭୂକମ୍ପ ହେବା ପରେ ମଧ୍ୟ ସୁନାମୀକୁ ନେଇ କୌଣସି ଚେତାବନୀ ଜାରି କରାଯାଇନାହିଁ । ଏଥିସହିତ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି କିମ୍ବା ମୃତାହତଙ୍କ ସୂଚନା ମିଳିନାହିଁ । ଅନ୍ୟପଟେ ସ୍ଥାନୀୟ ପୋଲିସ ଅଧିକାରୀ କହିଛନ୍ତି ଯେ, ତାଙ୍କ ଟିମକୁ ଶକ୍ତିଶାଳୀ ଭୂକମ୍ପ ସମ୍ପର୍କରେ ଦୁଇଟି କଲ୍ ମିଳିଥିଲା । ଭୂକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଯାହାକୁ ସମସ୍ତେ ଅନୁଭବ କରିପାରିଥିଲେ । ଯାହାକୁ ନେଇ ଏବେ ଲୋକେ ସୋସିଆଲ ମିଡିଆରେ ସେମାନଙ୍କ ପ୍ରତିକ୍ରିୟା ସେୟାର କରୁଛନ୍ତି ।

## ଦିଲ୍ଲୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୨ ଯୁବକ ମୃତ

ଦିଲ୍ଲୀ: ଦିଲ୍ଲୀରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଦ୍ରୁତ ଗତିରେ ଆସୁଥିବା କାର୍ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଦୁଇ ଜଣ ଯୁବକ ପ୍ରାଣ ହରାଇଛନ୍ତି। ଉତ୍ତର ଦିଲ୍ଲୀର ବାଓ୍ୱାନା ରୋଡରେ ଏହି ଦୁର୍ଘଟଣା ଘଟିଛି । ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିବା ବେଳେ ମୋଟରସାଇକେଲ ଚଳାଉଥିବା ଦୁଇ ଜଣ ଯୁବକଙ୍କୁ ଏକ କାର ଧକ୍କା ଦେଇଥିଲା। ଏହାଦ୍ୱାରା ଉଭୟଙ୍କର ମୃତ୍ୟୁ ଘଟିଥିଲା। ପୋଲିସ କହିବା ଅନୁସାରେ, ମୃତକମାନେ ଯଶୋଦନ (୧୮) ଓ ଅଂଶ (୧୮) ବୋଲି ଜଣାପଡ଼ିଛି । ଦୁହେଁ ଶାହାବାଦ ଡାଏରୀର ବାସିନ୍ଦା ଥିଲେ । ଶୁକ୍ରବାର ରାତି ପ୍ରାୟ ୧୧.୪୦ ସମୟରେ ବାଓ୍ୱାନାରୁ ଆସୁଥିବା ଏକ କାର ତାଙ୍କ ମୋଟରସାଇକେଲକୁ ଧକ୍କା ଦେଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ପୋଲିସ କହିବା ଅନୁସାରେ, କାର୍ ଡ୍ରାଇଭର ହେଉଛନ୍ତି ଶାହାବାଦ ଡାଏରୀର ବାସିନ୍ଦା ଆକାଶ (୨୨)। ସେ ଏକ ଅନଲାଇନ୍ ଇ-କମର୍ସ ପ୍ଲାଟଫର୍ମରେ କାମ କରନ୍ତି । କାରରେ ଥିବା ବ୍ୟକ୍ତି ମଧ୍ୟ ଆହତ ହୋଇଥିବା ପୋଲିସ କହିଛି । ତାଙ୍କୁ ଚିକିତ୍ସା ପାଇଁ ଆରଏମଏଲ ଡାକ୍ତରଖାନାକୁ ପଠାଯାଇଛି। ପୁଲିସ କହିଛି ଯେ ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଈଘଝର ଧାରା ୨୮୧(୧) (ଦ୍ରୁତ ଗତିରେ ଗାଡ଼ି ଚଳାଇବା) ଏବଂ ୧୦୬(୧) (ଅବହେଳା ଯୋଗୁଁ ମୃତ୍ୟୁ ଘଟାଇବା) ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# ଯାତ୍ରୀମାନଙ୍କ ଭଡ଼ା ବାବଦରେ ୬୧୦ କୋଟି ଫେରସ୍ତ କଲା ଇଣ୍ଡିଗୋ

: କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଇଣ୍ଡିଗୋ ପକ୍ଷରୁ ଯାତ୍ରୀମାନଙ୍କୁ ବିମାନ ଭଡ଼ା ଫେରସ୍ତ ଜାରି ରଖିଛି । ରବିବାର ରାତି ୮ଟା ସୁଦ୍ଧା ମୋଟ ୬୧୦ କୋଟି ଟଙ୍କା ଫେରସ୍ତ କରିଛି । ସେହିପରି ବାତିଲ ଦ୍ୱାରା ପ୍ରଭାବିତ ଯାତ୍ରା ରିସିଡ୍ୟୁଲିଂ ପାଇଁ କୌଣସି ଅତିରିକ୍ତ ଶୁଳ୍କ ନିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଇଣ୍ଡିଗୋ ବିମାନ ଚାଳନା ସଂକଟ ଯୋଗୁଁ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୂର କରିବା ଏବଂ ଯାତ୍ରୀମାନେ ଯେପରି ଅଧିକ ସମୟ ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ



ମନ୍ତ୍ରଣାଳୟ ତୁରନ୍ତ ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଏହା ଫଳରେ ଦେଶବ୍ୟାପୀ ବିମାନ ଯାତ୍ରା ଦ୍ରୁତ ଗତିରେ ସ୍ୱାଭାବିକ ହେଉଛି। ଅନ୍ୟ ସମସ୍ତ ଘରୋଇ ବିମାନ କମ୍ପାନୀଗୁଡ଼ିକ ସୁଗମ ଏବଂ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛନ୍ତି, ଯେତେବେଳେ କି ଇଣ୍ଡିଗୋର ବିମାନ ଚାଳନାରେ ଦ୍ରୁତଗତିରେ ସୁଧାର ହେଉଛି ଓ ଉଡ଼ାଣ ସମୟସୂଚୀ ସ୍ୱାଭାବିକ ସ୍ତରକୁ ଫେରୁଛି। ଇଣ୍ଡିଗୋର ଫ୍ଲାଇଟ ସଂଖ୍ୟା ଡିସେମ୍ବର ୫, ୨୦୨୫ରେ ୭୦୬ରୁ ବୃଦ୍ଧି ପାଇ ଡିସେମ୍ବର ୬, ୨୦୨୫ ସୁଦ୍ଧା ୧୫୬୫କୁ ବୃଦ୍ଧି ପାଇଛି ଏବଂ ଆଜି ଏହା ୧୬୫୦ରେ ପହଞ୍ଚିବ ବୋଲି ଆଶା କରାଯାଉଛି।

ଆହୁରି ମଧ୍ୟ ଏହି ଅବ୍ୟବସ୍ଥା ଯୋଗୁଁ ଯାତ୍ରୀମାନଙ୍କଠାରୁ ଅଲଗା ହୋଇଯାଇଥିବା କିମ୍ବା ମିଳୁନଥିବା ସବୁ ବ୍ୟାଗେଜଗୁଡ଼ିକୁ ୪୮ ଘଣ୍ଟା ମଧ୍ୟରେ ଚିହ୍ନଟ କରି ଫେରସ୍ତ କରିବାକୁ ମନ୍ତ୍ରଣାଳୟ ଇଣ୍ଡିଗୋକୁ ନିର୍ଦ୍ଦେଶ ଦେଇଛି । ଇଣ୍ଡିଗୋ ଗତକାଲି ପର୍ଯ୍ୟନ୍ତ ସାରା ଭାରତରେ ଯାତ୍ରୀମାନଙ୍କୁ ୩୦୦୦ ଖଣ୍ଡ ବ୍ୟାଗେଜ ସଫଳତାର ସହିତ ପହଞ୍ଚାଇଛି।

## ଅସୁସ୍ଥ ଆଜମ୍ ଖାନ୍ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଦେଉ ନାହାନ୍ତି ଅନୁମତି

ନୂଆଦିଲ୍ଲୀ: ରାମପୁରର ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯାଇଛି। ଆଜମଙ୍କ ଅସୁସ୍ଥତା ଖବର ପାଇବା ପରେ ଜିଲ୍ଲା ହସ୍ପିଟାଲର ତିନି ଜଣିଆ ଡାକ୍ତରୀ ଦଳ ଜେଲରେ ପହଞ୍ଚିଛନ୍ତି କିନ୍ତୁ ଖାନ ତାଙ୍କ ସ୍ୱାସ୍ଥ୍ୟର ଡାକ୍ତରୀ ପରୀକ୍ଷା ପାଇଁ ଅନୁମତି ଦେଉ ନାହାନ୍ତି। ଏହାକୁ ନେଇ ଜେଲ ପ୍ରଶାସନ ଚିନ୍ତାରେ ପଡ଼ିଛି। ଆଜମ ଖାନ ଅସୁସ୍ଥ ହେବା ଦେଖି ଜେଲ ପ୍ରଶାସନ ଜିଲ୍ଲା ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ (ଉଗଝ)ଙ୍କୁ ଏକ ଚିଠି ପଠାଇ ତିନି ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ପଠାଇବାକୁ ଅନୁରୋଧ କରିଥିଲା। ଏହି ଚିଠି ପାଇବା କ୍ଷଣି ଜିଲ୍ଲା ହସ୍ପିଟାଲର ଜଣେ ସର୍ଜନ, ଜଣେ ଡାକ୍ତର ଏବଂ ଜଣେ ଚକ୍ଷୁ ବିଶେଷଜ୍ଞ କିଛି ସହଯୋଗୀଙ୍କୁ ନେଇ ଜେଲରେ ପହଞ୍ଚିଥିଲେ। ଆଜମ ଖାନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅନୁମତି ଦେଇ ନଥିଲେ। ଫଳରେ ଡାକ୍ତରୀ ଦଳ ଜେଲରୁ ଫେରି ଆସିଥିଲେ।

## ନେହେରୁଙ୍କ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ କଂଗ୍ରେସ ମହାନ ନେତାଙ୍କୁ କୋଣଠେସା କରିଥିଲା: ବିଜେପି

ନୂଆଦିଲ୍ଲୀ: ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ରବିବାର ଏକ ଭିଡିଓ ବାର୍ତ୍ତା ଜାରି କରି କଂଗ୍ରେସ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, କଂଗ୍ରେସ ମିଥ୍ୟା ଅଭିଯୋଗ ଆଣି ବିଜେପିକୁ ବଦନାମ କରିବାକୁ ଚେଷ୍ଟା କରୁଛି। ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କହିଥିଲେ ଯେ, ବିଜେପି ପଣ୍ଡିତ ଜବାହରଲାଲ ନେହେରୁଙ୍କ ଐତିହ୍ୟକୁ ଲିଭାଇ ଦେବାକୁ ଚେଷ୍ଟା କରୁଛି। ସେ ବିଜେପି ଉପରେ ନେହେରୁଙ୍କୁ ବଦନାମ କରୁଥିବା ଏବଂ ଲୋକଙ୍କ ସ୍ମୃତିରୁ ତାଙ୍କ ନାମ ଲିଭାଇ ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ। ତେବେ ନେହେରୁଙ୍କ ତଥାକଥିତ ଐତିହ୍ୟକୁ ସୁରକ୍ଷା ଦେବାର ପ୍ରୟାସରେ, କଂଗ୍ରେସ ନିଜେ ଦଳ ଭିତରେ ଏବଂ ବାହାରେ ଅନେକ ମହାନ ନେତାଙ୍କ ଅବଦାନକୁ ଅଣଦେଖା କରିଛି। ସେ କହିଛନ୍ତି, ଉଦାହରଣ ସ୍ୱରୂପ, କଂଗ୍ରେସ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଐତିହ୍ୟକୁ



କୋଣଠେସା କରି ରଖିଥିଲା। ଯଦି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ସମୟରେ କଂଗ୍ରେସ ଆଭ୍ୟନ୍ତରୀଣ ଗଣତନ୍ତ୍ର ପାଳନ କରିଥାନ୍ତା, ତେବେ ନେହେରୁଙ୍କ ଐତିହ୍ୟ ଏତେ ପ୍ରଭାବଶାଳୀ ହୋଇ ନଥାନ୍ତା। ସମ୍ବିତ ପାତ୍ର କହିଛନ୍ତି, ସୋନିଆ ଗାନ୍ଧୀ ଏକ କାର୍ଯ୍ୟକ୍ରମରେ କହିଥିଲେ, ବିଜେପି ନେହେରୁଙ୍କ ଐତିହ୍ୟକୁ ଲିଭାଇ ଦେବାକୁ ଚାହୁଁଛି। ମୁଁ ସୋନିଆ ଗାନ୍ଧୀଙ୍କୁ ସମ୍ମାନର ସହିତ କହିବାକୁ ଚାହୁଁଛି ଯେ କେବଳ ନେହେରୁଙ୍କ ସ୍ମୃତି ଏବଂ ତଥାକଥିତ ନେହେରୁବାଦୀ ଐତିହ୍ୟକୁ ଜୀବିତ ରଖିବା ପାଇଁ, କଂଗ୍ରେସ ଦଳ ଅଗଣିତ ମହାପୁରୁଷଙ୍କ ଐତିହ୍ୟକୁ ନଷ୍ଟ କରିଦେଇଛି। ସେ କହିଛନ୍ତି, ସେହିପରି ସୁଭାଷ ଚନ୍ଦ୍ର ବୋଷଙ୍କୁ ମଧ୍ୟ ଅବହେଳା କରାଯାଇଥିଲା ଏବଂ ତାଙ୍କୁ ଅବମାନନା କରିବାର ପ୍ରୟାସ କରାଯାଇଥିଲା। ସମ୍ବିଧାନ ରଚୟିତା ଏବଂ ଡ୍ରାଫ୍ଟ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିବା ପଣ୍ଡିତ ନେହେରୁ ବାବାସାହେବ ଆମ୍ବେଦକରଙ୍କ ପ୍ରତି କିପରି ବ୍ୟବହାର କରିଥିଲେ ତାହା ଜନସାଧାରଣ ଜାଣନ୍ତି ଏବଂ ଭାରତୀୟ ପ୍ରତିନିଧି ସଭାରେ ଏହି ସୁଯୋଗ ପ୍ରଦାନ କରିବା ପାଇଁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଉଛି। ଯେତେବେଳେ ସଂସଦରେ ସମ୍ବିଧାନ ଉପରେ ଆଲୋଚନା ହେଉଥିଲା, ସେତେବେଳେ ଆମେ ଆମ୍ବେଦକର ଏବଂ ନେହେରୁଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପ ବିଷୟରେ ଜାଣିଲୁ ଏବଂ ସେହି ପତ୍ରାଳାପରେ ନେହେରୁ ଆମ୍ବେଦକରଙ୍କ ବିଷୟରେ କ'ଣ କହିଥିଲେ ତାହା ଦେଶର ଜନତାଙ୍କ ସାମ୍ନାକୁ ଆସିଥିଲା। ସୋନିଆ ଗାନ୍ଧୀ କହିଛନ୍ତି ଯେ, ବିଜେପି ଇତିହାସ ପୁନଃଲିଖନ କରିବାକୁ ଚେଷ୍ଟା କରୁଛି। ମୁଁ କହିବି ଯେ, ବିଜେପି ଇତିହାସ ପୁନଃଲିଖନ କରିବାକୁ ଚେଷ୍ଟା କରୁନାହିଁ, ବରଂ ଏହାକୁ ସଂଶୋଧନ କରି ଦେଶର ସ୍ୱାଧୀନତା ଏବଂ ଏହାର ବିକାଶର ବିଭିନ୍ନ ଦିଗକୁ ପ୍ରକୃତରେ ଅବଦାନ ଦେଇଥିବା ଲୋକଙ୍କୁ ଉପଯୁକ୍ତ ସମ୍ମାନ ଦେଉଛି। ସେ କହିଛନ୍ତି, ନେହେରୁ-ଗାନ୍ଧୀ ପରିବାରର ବଂଶବାଦୀ ରାଜନୀତି ଦ୍ୱାରା ପଛରେ ପଡ଼ିଯାଇଥିବା ଲୋକଙ୍କୁ ଆଗକୁ ଆଣିବା ପାଇଁ ସର୍ବଦା ପ୍ରୟାସ କରୁଥିବାରୁ ମୁଁ ବିଜେପି ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି।

## ସାମ୍ନାକୁ ଆସିଲା ମର୍ମନ୍ତୁଦ ଅଗ୍ନିକାଣ୍ଡର ଭୟାବହ ଭିଡିଓ



ପାନାଜୀ: ଗତଶନିବାର ରାତିରେ ଗୋଆର ଆରପୋରାରେ ଥିବା ଏକ ନାଇଟକ୍ଲବ 'ବାର୍ଚ୍ ବାଇ ରୋମିଓ ଲେନ'ରେ ହୋଇଥିବା ମର୍ମନ୍ତୁଦ ଅଗ୍ନିକାଣ୍ଡର ଭୟାବହ ଭିଡିଓ ସାମ୍ନାକୁ ଆସିଛି। ଏହି ଭିଡିଓଟି ଅଗ୍ନିକାଣ୍ଡ ଘଟିବା ସମୟର କୁହାଯାଉଛି। ଭିଡିଓରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି ଜଣେ ବେଲି ଡ୍ୟାନ୍ସର ବଲିଉଡ ଗୀତ 'ମେହେବୁବା.. ମେହେବୁବା' ଗୀତରେ ନୃତ୍ୟ କରୁଥିବା ସମୟରେ ଛାତ ଉପରେ କିଛି ନିଆଁ ଝିଟିକା ନଜର ଆସିଥିଲା। କେହି କିଛି ବୁଝିବା ପୂର୍ବରୁ ସଙ୍ଗେସଙ୍ଗେ ଘଟଣାସ୍ଥଳ ଏକ ନିଆଁ ପିଣ୍ଡୁଳାର ଆକାର ନେଇଥିଲା।ସଙ୍ଗେସଙ୍ଗେ କାର୍ଯ୍ୟକ୍ରମକୁ ଅଧାରୁ ଅଟକାଇ ଦିଆଯାଇଥିଲା। ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ପୁଲିସ ଏଯାବତ ଭିଡିଓକୁ ନେଇ କେ ?ଣସି ପ୍ରକାର ସ୍ପଷ୍ଟୀକରଣ ଦେଇ ନାହିଁ। ଏହି ଅଗ୍ନିକାଣ୍ଡରେ ୨୫ଜଣଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ମୃତକଙ୍କ ମଧ୍ୟରେ ଚାରି ଜଣ ପର୍ଯ୍ୟଟକ ଏବଂ ୧୪ ଜଣ କର୍ମଚାରୀ ଅଛନ୍ତି, ଯେତେବେଳେ କି ସାତ ଜଣଙ୍କ ମୃତଦେହ ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ। ଏହି ଭୟଙ୍କର ଘଟଣା ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କ୍ଲବର ସାଧାରଣ ପରିଚାଳକ (ଜେନେରାଲ ମ୍ୟାନେଜର), ରେଷ୍ଟୋରାଁ ମ୍ୟାନେଜର, ବାର ମ୍ୟାନେଜର, ଗେଟ୍ ମ୍ୟାନେଜରଙ୍କୁ ଗିରଫ କରିଛି। ଏହାଛଡ଼ା କ୍ଲବର ମାଲିକଙ୍କ ବିରୁଦ୍ଧରେ ହତ୍ୟା ମାମଲା ରୁଜୁ କରାଯାଇଛି ଓ ତାଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଓ୍ୱନ୍ତ ଏହି ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ହୁମାୟୁନ୍ କବୀର ଜଣେ ପୁରୁଣା ବିଜେପି ସଦସ୍ୟ: ମସଜିଦ୍ ନିର୍ମାଣ ନାଁରେ ଖୋଳୁଛନ୍ତି କି ମମତାଙ୍କ ରାଜନୈତିକ କବର !

କୋଲକାତା: ବହିଷ୍କୃତ ଟିଏମସି ବିଧାୟକ ହୁମାୟୁନ କବୀରଙ୍କୁ ନେଇ ପଶ୍ଚିମବଙ୍ଗରେ ଉତ୍ତେଜନା ପ୍ରକାଶ ପାଇଛି। ଶନିବାର ବେଲଡାଙ୍ଗାରେ କବୀର ବାବ୍ରି ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୨୦୦,୦୦୦ ରୁ ଅଧିକ ଲୋକ ଇଟା ଧରି ଏକତ୍ରିତ ହୋଇଥିଲେ। ବିବାଦ ବଢ଼ିବା ପରେ, ଟିଏମସି କବୀରଙ୍କୁ ଦଳରୁ ବହିଷ୍କାର କରିଥିଲା।

ଏହି ପ୍ରସଙ୍ଗରେ ଟିଏମସି ଏବଂ ବିଜେପି ନେତାମାନେ ନିରନ୍ତର ଆରୋପ ପ୍ରତ୍ୟାରୋପ ଜାରି ରଖିଛନ୍ତି। ବିଜେପି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି କହୁଛି ଯେ, ସେ ନିଆଁ ସହିତ ଖେଳୁଛନ୍ତି। ଏହି ସମୟରେ, ହୁମାୟୁନ୍ କବୀରଙ୍କୁ ଟିଏମସିରୁ ବହିଷ୍କାର କରାଯାଇଛି। କବୀର ବିଜେପିର ଦୀର୍ଘ ସମୟ ଧରି ସଦସ୍ୟ ଅଛନ୍ତି। ଟିଏମସି ଦାବି କରୁଛି



ଯେ, ହୁମାୟୁନ୍ କବୀର ଜଣେ ବିଜେପି ଏଜେଣ୍ଟ, ଯେତେବେଳେ ବିଜେପି ଦାବି କରୁଛି ଯେ, ଏହି ବିବାଦ ଟିଏମସି ଭିତରେ ଅଛି। ହୁମାୟୁନ୍ କବୀର ଥରେ ବିଜେପି ସଦସ୍ୟ ଥିଲେ ଏବଂ ବିଜେପି ଟିକେଟ୍ ?ରେ ୨୦୧୯ ଲୋକସଭା ନିର୍ବାଚନ ମଧ୍ୟ ଲଢ଼ିଥିଲେ। ହୁମାୟୁନ୍ କବୀର କଂଗ୍ରେସ ଦଳରୁ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ ଏବଂ ବିଧାୟକ ହୋଇଥିଲେ। ଏହା ପରେ ସେ ତୃଣମୂଳ କଂଗ୍ରେସ (ଟିଏମସି)ରେ ଯୋଗ ଦେଇଥିଲେ, ଯେଉଁଠାରେ ମମତା ବାନାର୍ଜୀ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବରେ ନିଯୁକ୍ତି ଦେଇଥିଲେ, କିନ୍ତୁ ତିନି ବର୍ଷ ମଧ୍ୟରେ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗ କରି ଦଳରୁ ବହିଷ୍କାର କରାଯାଇଥିଲା।

ହୁମାୟୁନ୍ କବୀର ୨୦୧୮ ମସିହାରେ ବିଜେପିରେ ଯୋଗ ଦେଇଥିଲେ। ତାଙ୍କର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି, ବିଜେପି ତାଙ୍କୁ ମୁର୍ଶିଦାବାଦ ଆସନରୁ ୨୦୧୯ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ମନୋନୀତ କରିଥିଲା। ସେ ଏକ ବଡ଼ ପରାଜୟ ସହି ଷଷ୍ଠ ସ୍ଥାନରେ ରହିଥିଲେ। ଏହି କାରଣରୁ ହୁମାୟୁନ୍ କବୀର ବିଜେପିରେ ଅଧିକ ଦିନ ରହିପାରିଲେ ନାହିଁ। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଟିଏମସିକୁ ଫେରି ଆସିଲେ ଏବଂ ଭରତପୁର ଆସନରୁ ବିଧାୟକ ହେଲେ। ଏଥର ତାଙ୍କର ମନ୍ତବ୍ୟ ବିବାଦ ସୃଷ୍ଟି କରିଥିଲା ??ଏବଂ ଦଳ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଦଳରୁ ବହିଷ୍କାର କରିଥିଲା। ବିଜେପି ସହିତ ତାଙ୍କର ଦୀର୍ଘକାଳୀନ ସମ୍ପର୍କକୁ ଦୃଷ୍ଟିରେ ରଖି, ରାଜନୈତିକ ମହଲଗୁଡ଼ିକ ପ୍ରଶ୍ନ ଉଠାଉଛି ଯେ ପଶ୍ଚିମବଙ୍ଗରେ 'ବାବରୀ ଶୈଳୀର ମସଜିଦ' ବିଦ୍ରୋହ ପଛରେ ବିଜେପି ଅଛି କି? ରାଜନୈତିକ ଦଳଗୁଡ଼ିକ ପ୍ରାୟତଃ ନିର୍ବାଚନ ସମୟରେ ସେମାନଙ୍କର ବିରୋଧୀମାନଙ୍କୁ ପରାସ୍ତ କରିବା ପାଇଁ ସମସ୍ତ ପ୍ରକାରର ଉପାୟ ଅବଲମ୍ବନ କରନ୍ତି। ଏହି ସମୟରେ, ଟିଏମସି ମଧ୍ୟ କବୀରଙ୍କୁ ବିଜେପି ଏଜେଣ୍ଟ ବୋଲି ଅଭିଯୋଗ କରୁଛି। ଏହା ଉଲ୍ଲେଖନୀୟ ଯେ, ହୁମାୟୁନ୍ କବୀରଙ୍କର ବିବାଦର ଏକ ଲମ୍ବା ଇତିହାସ ଅଛି। ନଭେମ୍ବର ୨୦୨୪ରେ, ଟିଏମସିରେ ଥିବା ସମୟରେ, ତାଙ୍କୁ ଦଳର ଜାତୀୟ ସାଧାରଣ ସମ୍ପାଦକ ଏବଂ ମମତା ବାନାର୍ଜୀଙ୍କ ଭଣଜା ଅଭିଷେକ ବାନାର୍ଜୀଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତ କରିବା ପାଇଁ ଦାବି କରିବା ପାଇଁ ଏକ ନୋଟିସ୍ ଜାରି କରାଯାଇଥିଲା। ବାବ୍ରୀ ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁର୍ଶିଦାବାଦ ଏବଂ ଆଖପାଖ ଜିଲ୍ଲାରୁ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ। ସାଉଦି ଆରବର ଧାର୍ମିକ ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ହୁମାୟୁନ କବୀର କହିଛନ୍ତି ଯେ ମସଜିଦଟି ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। କୁହାଯାଉଛି ଯେ, ସେ ନିଜସ୍ୱ ଦଳ ଗଠନ କରି ବିଧାନସଭା ନିର୍ବାଚନରେ ଅନେକ ଆସନ ପାଇଁ ପ୍ରାର୍ଥୀ ଦେଇପାରନ୍ତି।

